**ପଞ୍ଚାମୁଣ୍ଡାଇ କଲେଜ ଆଲୁମ୍ନି ବୈଠକ**

ପଞ୍ଚାମୁଣ୍ଡାଇ, (ସ୍ୱ.ପ୍ର.): ପଞ୍ଚାମୁଣ୍ଡାଇ କଲେଜ ଆଲମୁନି କମିଟି ବୈଠକ ରବିବାର ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଧ୍ରୁବ ସାହୁ ଯୋଗ ଦେଇଥିଲେ। ଆଲମୁନି କମିଟି ସଭାପତି ପ୍ରଫେସର ଭରତ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ ବିଧାୟକ ନାକ ମାନ୍ୟତା, କଲେଜ ସାମଗ୍ରିକ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଆଲମୁନି କମିଟି ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଉପସଭାପତି ରାଜେନ୍ଦ୍ର କୁମାର ଦାଶ, କୋଷାଧକ୍ଷ କିଶୋର ସ୍ୱାଇଁ, ଉପଦେଷ୍ଟା କସ୍ତୁରୀ ଚରଣ ସ୍ୱାଇଁ, ପ୍ରଫେସର ଅର୍ଜୁନ ନାୟକ, ଅଧ୍ୟାପକ ନୃସିଂହ ସ୍ୱାଇଁ, ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ, ରବୀନ୍ଦ୍ର ରାଉଳ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ଗୋକୁଳ ରାଉତ ପ୍ରମୁଖ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ସଂକ୍ଷେପରେ

### ଭାଜପା ପକ୍ଷରୁ ଜନଜାଗରଣ ଯାତ୍ରା



ମହାକାଳପଡା,୧୬।୧୦(ଡି.ଏନ.ଏ.): ମହାକାଳପଡା ବ୍ଲକ ୨୩ ନଂ. ଜିଲାପରିଷଦ ଜୋନ ସ୍ତରୀୟ ଖରିନାସୀ ପଞ୍ଚାୟତ ଭଜପା ପକ୍ଷରୁ ଯୁବ କାର୍ଯ୍ୟକର୍ତ୍ତା ଡ. ସୌଭାଗ୍ୟ କୁମାର ପରିଡ଼ାଙ୍କ ନେତୃତ୍ୱରେ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ଜନ ଜାଗରଣ ଯାତ୍ରାକୁ ସଫଳ କରିଥିଲେ। ଖରିନାସୀ ପଞ୍ଚାୟତର ଜଗନ୍ନାଥ ମନ୍ଦିରଠାରୁ ବାହାରି ୧୨ ନଂ. ଆଦିବାସୀ ଗାଁ ପର୍ଯ୍ୟନ୍ତ ପଦଯାତ୍ରା ହୋଇଥିଲା। ବିଭିନ୍ନ ସ୍ଥାନରେ ରାଜ୍ୟ ସରକାରଙ୍କ କାର୍ଯ୍ୟଧାରାକୁ ଟାର୍ଗେଟ କରିବା ସହ ବେକାରୀ ଯୁବତୀଯୁବକଙ୍କ ଆତ୍ମ ନିଯୁକ୍ତିରେ ବିଫଳ ହୋଇଛନ୍ତି ବୋଲି କୁହାଯାଇଥିଲା। କେନ୍ଦ୍ର ସରକାର ପ୍ରଦାନ କରୁଥିବା ଅନୁଦାନକୁ ହରିଲୁଟ୍ କରିଥିବା ଅଭିଯୋଗ କରାଯାଇଥିଲା। ଗ୍ରାମାଞ୍ଚଳରେ ଗରୀବ ଲୋକମାନେ ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏଭଳି ଅନେକ କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ନିଜ ଯୋଜନା କହି ସାଧାରଣ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି। ପଞ୍ଚାୟତ ବିଭିନ୍ନ ସ୍ଥାନରେ ଲୋକମାନେ ସ୍ୱାଗତ କରିଥିଲେ। ତେବେ ଏହି ଜନଜାଗରଣ ଯାତ୍ରା ସମୟରେ ବିଭିନ୍ନ ଛକରେ ପଥ ପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏହି ପଦଯାତ୍ରାରେ ପଞ୍ଚାୟତ ସମିତି ସଭ୍ୟ ରବି ରକ୍ଷିତ, ଅଶୋକ ନାୟକ, ଚିତ୍ତରଞ୍ଜନ ଦାସ, ରବୀନ୍ଦ୍ର ବଳବନ୍ତରାୟ, ହରିପଦ ମଣ୍ଡଳ, ଭବେନ ମଣ୍ଡଳଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସୁଥିବା ଭାଜପା କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

### ଶିଶୁ ସୁରକ୍ଷା ବାର୍ତ୍ତା ଦେଲେ ସରପଞ୍ଚ

ରଘୁନାଥପୁର,୧୬।୧୦(ଡି.ଏନ୍.ଏ.): ରଘୁନାଥପୁର ବ୍ଲକ ବିଦ୍ୟାଧରପୁର ପଞ୍ଚାୟତର ସରପଞ୍ଚ ସାହେଦା ତବସୁମଙ୍କ ପୌରୋହିତ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ନିରକ୍ଷରତା ହଟାଇବାକୁ ହେଲେ ସଭିଏଁ ପଢିବାକୁ ସେ କହିଥିଲେ। ଏଥିସହ ଶିଶୁମାନଙ୍କୁ ସମାଜରେ ସୁରକ୍ଷା ପ୍ରଦାନ ପାଇଁ ସେ ବାର୍ତ୍ତା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟା ସାଗରିକା ତରେଇ, ସାମାଜିକ କର୍ମୀ ରହିମ ଖାଁ ଓ ଅଜୟ ସାମଲ, ସୁବାସ ରାଟସିଂ, ହେମନ୍ତ ଖୁଣ୍ଟିଆ, ସୁବାସ ଖୁଣ୍ଟିଆ, ମହିଳା ଗୋଷ୍ଠୀ ସଦସ୍ୟା ଓ ଛୋଟ ପିଲାମାନେ ଉପସ୍ଥିତ ଥିଲେ।

### ପତ୍ରପୁର ଛୁରାମାଡ଼ ଘଟଣାରେ ୨ ଗିରଫ

ଆଳି,୧୬।୧୦(ଡି.ଏନ.ଏ.): ଆଳି ଥାନା ଅନ୍ତର୍ଗତ ପତ୍ରପୁର ଗ୍ରାମରେ ଶନିବାର ସନ୍ଧ୍ୟାରେ ପାଇପ ବିଛାକୁ କେନ୍ଦ୍ରକରି ଛୁରା ମାଡ଼ ଘଟଣାରେ ୩ ଜଣ ଆହତ ହୋଇଥିଲେ। ପରେ ଛୁରାମାଡ଼ କରିଥିବା ଦୁଇ ଯୁବକ ସେଠାରୁ ଫେରାର ହୋଇଯାଇଥିଲେ। ସମ୍ପୃକ୍ତ ଯୁବକଙ୍କୁ ରବିବାର ପୋଲିସ ଗିରଫ କରିଛି। ଶନିବାର ସନ୍ଧ୍ୟାରେ ପତ୍ରପୁର ଗ୍ରାମରେ ବସୁଧା ଯୋଜନାରେ ପାଇପ ଲାଇନ ବିଛା ହେଉଥିଲା। ଏହି ସମୟରେ ଗାଁର ପପୁ ସାହୁ ଓ ଭଞ୍ଜକିଶୋର ସାହୁ ପାଇପ ବିଛାକୁ ବନ୍ଦ କରିଥିଲେ। ସେଠାରେ ପଙ୍କଜ ସୁତାର, ଭୁବନ ସାହୁ, ବଟକୃଷ୍ଣ ସାହୁ ପହଞ୍ଚିବା ପରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡରୁ ଛୁରାମାଡ଼ ହୋଇଥିଲା। ଏଥିରେ ପଙ୍କଜ, ଭୁବନ ଓ ବଟକୃଷ୍ଣଙ୍କ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାରୁ ସେମାନଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ପପୁ ଓ ଭଞ୍ଜକିଶୋରଙ୍କୁ ପୋଲିସ ଗିରଫ କରିଛି।

# ଡାକ୍ତରଖାନାରେ କମ୍, ବାହାରେ ଅଧିକ ରୋଗୀ ଦେଖୁଛନ୍ତି ଡାକ୍ତର

**ବେଆଇନ କ୍ଲିନିକ୍, ମେଡିସିନ ଷ୍ଟୋର ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି**

ପଞ୍ଚାମୁଣ୍ଡାଇ,୧୬।୧୦(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଞ୍ଚାମୁଣ୍ଡାଇ ଉପଖଣ୍ଡସ୍ତରୀୟ ଡାକ୍ତରଖାନାରେ ଭିତ୍ତିଭୂମି ସହ କୋଠା ଅଛି। ହେଲେ ଆବଶ୍ୟକ ଅନୁଯାୟୀ ଡାକ୍ତର ନାହାନ୍ତି। ଫଳରେ ଯେଉଁ ଡାକ୍ତର ଅଛନ୍ତି ତାଙ୍କ ପାଖରେ ଦୀର୍ଘସମୟ ଧରି ରୋଗୀଙ୍କ ଭିଡ଼ ଲାଗୁଛି। ଆଉ କେଉଁଠାରେ ଆୟୁଷ ଡାକ୍ତର ରୋଗୀ ଦେଖୁଛନ୍ତି। ଡାକ୍ତରଙ୍କୁ ଅପେକ୍ଷା କରି କରି ଶେଷରେ ରୋଗୀଙ୍କୁ ଘରକୁ ଫେରିବାକୁ ପଡୁଛି। ମାତ୍ର ଚିକିତ୍ସାଳୟର ଜଣେ ବିଶେଷଜ୍ଞ ଡାକ୍ତର ରୋଗୀଙ୍କୁ ଡାକ୍ତରଖାନାରେ ନ ଦେଖି ଅଧିକ ସମୟ ଏକ ନିର୍ଦ୍ଦିଷ୍ଟ ମେଡିସିନ୍ ଷ୍ଟୋରରେ ବସି ଦେଖୁଛନ୍ତି ବୋଲି ଅଭିଯୋଗ ହୋଇଛି।

ସାମାଜିକ କର୍ମୀ ପ୍ରଫୁଲ୍ଲ ଦାସ କହିଛନ୍ତି, ସାଧାରଣତଃ ଗରିବ ଲୋକମାନଙ୍କ ପାଇଁ ରାଜ୍ୟ ସରକାର ନିରାମୟ ଯୋଜନା, କେନ୍ଦ୍ର ସରକାର ଜନୌଷଧି କେନ୍ଦ୍ର ଖୋଲି ବହୁ କମ୍ ମୂଲ୍ୟରେ ଔଷଧ ଲୋକଙ୍କୁ ଯୋଗାଇ ଦେଉଛନ୍ତି। ଗରିବ ଲୋକମାନେ କେମିତି ମାଗଣାରେ ଔଷଧ ପାଇପାରିବେ ସେଥିପାଇଁ ସରକାରଙ୍କ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯିବା ସହ ଡାକ୍ତରଖାନାରେ ମିଳୁଥିବା ଔଷଧ ହିଁ ଲୋକମାନଙ୍କୁ ଦେବାକୁ କଡ଼ା ନିର୍ଦ୍ଦେଶ ରହିଛି। ଆହୁରି ମଧ୍ୟ ଗରିବ ଲୋକଙ୍କ ଉନ୍ନତ ଚିକିତ୍ସା ପାଇଁ ରାଜ୍ୟ ସରକାର ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଛନ୍ତି। ମାତ୍ର ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି ପଞ୍ଚାମୁଣ୍ଡାଇ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ। ଏହି ଚିକିତ୍ସାଳୟରେ ଜଣେ ଡାକ୍ତର ଡାକ୍ତରଖାନାରେ ବହୁ କମ୍ ସମୟ ଚିକିତ୍ସା କରୁଥିଲା ବେଳେ ଅଧିକ ସମୟ ଏକ ନିର୍ଦ୍ଦିଷ୍ଟ ମେଡିସିନ୍ ଦୋକାନରେ ବସି ରୋଗୀ ଦେଖୁଛନ୍ତି ବୋଲି ଅଭିଯୋଗ ହୋଇଛି। ସେ ଯେଉଁ ରୋଗୀଙ୍କ ପ୍ରେସ୍କ୍ରାଇବ୍ କରନ୍ତି ତାହା କେବଳ ସେହି ଔଷଧ ଦୋକାନରେ ହିଁ ମିଳିଥାଏ। ସରକାର ପ୍ରଦତ୍ତ ଜନୌଷଧିକୁ ଗୁରୁତ୍ୱ ନ ଦେଇ ବାହାର ମେଡିସିନକୁ ବେଶି ଗୁରୁତ୍ୱ ଦେଉଥିବା ଅଭିଯୋଗ ହେଉଛି। ରୋଗୀଙ୍କୁ ଯେଉଁ ମେଡିସିନ ସବୁ ଲେଖୁଛନ୍ତି ତାହାର ଅଧିକ ଦାମ୍ ରହୁଛି। ଫଳରେ ସାଧାରଣ ରୋଗୀଟିଏ ପାଇଁ ଔଷଧ କିଣିବା ସମ୍ଭବ ହୋଇପାରୁନାହିଁ। ଆଇନଜୀବୀ ପ୍ରମୋଦ ସାହୁ କୁହନ୍ତି, ପଞ୍ଚାମୁଣ୍ଡାଇ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଛତୁ ଫୁଟିଲା ଭଳି ମେଡିକାଲ ଷ୍ଟୋରଠାରୁ ଆରମ୍ଭ କରି ବେଆଇନ କ୍ଲିନିକ ଖୋଲାଯାଇ ଗରିବ ରୋଗୀଙ୍କଠାରୁ ବିଭିନ୍ନ ଆଳ ଦେଖାଇ ଅର୍ଥ ହରିଲୁଟ କରାଯାଉଛି। ଏପରି କି ମେଡିସିନ ଦୋକାନଗୁଡିକ ବେଆଇନ ଭାବେ ବିନା ସରକାରୀ ପଞ୍ଜୀକରଣରେ ଘରୋଇ କ୍ଲିନିକ୍ କରି ବାହାରୁ ଡାକ୍ତରଙ୍କୁ ଆଣି ରୋଗୀମାନଙ୍କଠାରୁ ମନଇଚ୍ଛା ଟଙ୍କା ଲୁଟ୍ କରୁଥିଲେ ବି ଏଥିପ୍ରତି ଜିଲା ସ୍ୱାସ୍ଥ୍ୟ ବିଭାଗ କିମ୍ବା ଡ୍ରଗ୍ସ ଇନ୍ସପେକ୍ଟର ଦୃଷ୍ଟି ଦେଉନାହାନ୍ତି। ପଞ୍ଚାମୁଣ୍ଡାଇ ଅଞ୍ଚଳରେ ପ୍ରାୟ ୩୦ ପ୍ରତିଶତ ମେଡିସିନ ଷ୍ଟୋର ବିନା ଫାର୍ମାସିଷ୍ଟ ଓ ଲାଇସେନ୍ସରେ ଚାଲିଛି। ଫାର୍ମାସିଷ୍ଟ ଅନ୍ୟତ୍ର ଚାକିରି କରୁଥିବା ବେଳେ ମିଛ ସତ୍ୟପାଠ ଦାଖଲ କରି ତାଙ୍କ ନାଁରେ ଲାଇସେନ୍ସ ବାହାର କରି ଅନ୍ୟ ମାଧ୍ୟମରେ ଔଷଧ ବ୍ୟବସାୟ ଚଳାଇଛନ୍ତି। ବେଆଇନ ଔଷଧ ଦୋକାନୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏ ସମ୍ପର୍କରେ ଏଡିଏମ୍ଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ପଞ୍ଚାମୁଣ୍ଡାଇ ଅଞ୍ଚଳରେ ମେଡିସିନ ଷ୍ଟୋରରେ ବେଆଇନ କ୍ଲିନିକ କରି ରୋଗୀ ଚିକିତ୍ସା ହେଉଥିବା ଅଭିଯୋଗ ଆସିଛି। ଏ ନେଇ ସିଡିଏମ୍ଓ, ଜିଲାପାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯିବ। ସତ୍ୟାସତ୍ୟ ଜଣାପଡ଼ିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଚୋରି ଅଭିଯୋଗ: ୩ କୋର୍ଟଚାଲାଣ

କୁଜଙ୍ଗ,୧୬।୧୦ (ଡି.ଏନ୍.ଏ.)

ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ବାତ୍ୟା ଆଶ୍ରୟସ୍ଥଳରୁ ଦୁଇଟି ୧୨ଭୋଲ୍ଟର ବ୍ୟାଟେରି ସମେତ ଲକ୍ଷାଧିକ ଟଙ୍କାର ତମ୍ବା ତାର ଚୋରି ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଏହି ଗ୍ରାମର ବିପ୍ଳବ ବର୍ଦ୍ଧନଙ୍କ ସମେତ ବନାପାଟ ଗ୍ରାମର ରାକେଶ ଓଝା ଓ ସୂର୍ଯ୍ୟକାନ୍ତ ନାୟକ। ଏହି ଚୋରି ସମ୍ପର୍କରେ ବାତ୍ୟା ଆଶ୍ରୟସ୍ଥଳର ସମ୍ପାଦକ ରଞ୍ଜନ ବର୍ଦ୍ଧନ ଥାନାରେ ଅଭିଯୋଗ କରିବାପରେ ପୋଲିସ ମାମଲା (ନଂ. ୩୬୬/୨୨) ରୁଜୁ କରି ତଦନ୍ତ ଜାରି ରଖିଥିଲା। ପୋଲିସ ପ୍ରଥମେ ବିପ୍ଳବଙ୍କୁ କାବୁ କରି ପଚରାଉଚୁରା କରିବା ପରେ ସେ ଏସବୁ ସାମଗ୍ରୀ ବାତ୍ୟା ଆଶ୍ରୟସ୍ଥଳରୁ ଚୋରି କରି ରାକେଶ ଓ ସୂର୍ଯ୍ୟକାନ୍ତଙ୍କୁ ବିକ୍ରି କରିଥିବା କହିଥିଲେ। ଏହାପରେ ପୋଲିସ ଅନ୍ୟ ୨ ଅଭିଯୁକ୍ତଙ୍କୁ ଧରିଥିଲା।

# ବିଜେଡିର ୨ ଗୋଷ୍ଠୀ ପକ୍ଷରୁ ପୃଥକ୍ କାର୍ଯ୍ୟକ୍ରମ

ଜଗତ୍‌ସିଂହପୁର ଅଫିସ, ୧୬।୧୦

ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ବିଜେଡି ଗୋଷ୍ଠୀ କନ୍ଦଳ ପୁଣି ପଦାକୁ ଆସିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମ ଦିବସ ଅବସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଏହା ବାରି ହୋଇପଡ଼ିଛି। ଏନେଇ ସ୍ଥାନୀୟ ସାଇ ମନ୍ଦିରରେ ଆୟୋଜିତ ଶିବିରରେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଓ ଶାରଦା ମଣ୍ଡପ ପରିସରରେ ଅନୁଷ୍ଠିତ ରକ୍ତଦାନ କାର୍ଯ୍ୟକ୍ରମରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ତଥା ପୂର୍ବତନ ଦଳ ଜିଲା ସଭାପତି ତଥା ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯୋଗ ଦେଇଛନ୍ତି। ଉଭୟଙ୍କ ମଧ୍ୟରେ ଗତ ସାଧାରଣ ନିର୍ବାଚନ ସମୟରୁ ବିବାଦ ଲାଗି ରହିଥିଲେ ସୁଦ୍ଧା ସମାଧାନ ନ ହେବା ଆଲୋଚନାର ବିଷୟ ହୋଇଛି । ଜଗତ୍‌ସିଂହପୁରରେ ଉଭୟନେତାଙ୍କ ସମର୍ଥକମାନେ ପୃଥକ୍ ସ୍ଥାନରେ ରକ୍ତଦାନ ଶିବିର କରି ସମାନ ପରିମାଣର ଅର୍ଥାତ୍ ୭୦ ୟୁନିଟ୍ ଲେଖାଏ ରକ୍ତ ସଂଗ୍ରହ କରିଥିଲେ।

ଅମରେନ୍ଦ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜୀବନବିନ୍ଦୁ ରକ୍ତଦାନ ଶିବିରକୁ



ଅମରେନ୍ଦ୍ର ଦାସଙ୍କ ଉପସ୍ଥିତିରେ ରକ୍ତ ସଂଗ୍ରହ କରାଯାଉଛି।

**ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର**

ଜଗତ୍‌ସିଂହପୁର ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦେବୀଦତ୍ତ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଅମିୟକାନ୍ତ ଦାସ, ନାଇଜର ରେଜିଷ୍ଟ୍ରାର ଅଭୟ ନାୟକ, ଜଗତ୍‌ସିଂହପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ବରିଷ୍ଠ ନେତା ସୁରେଶ ନନ୍ଦ ଏବଂ ଓଡ଼ିଶା ମୋ ପରିବାର କୋ-ଅର୍ଡିନେଟର ସନ୍ତୋଷ ଦାସଙ୍କ ସମେତ ବହୁ ସଂଖ୍ୟକ ଲୋକ ଉପସ୍ଥିତ ଥିଲେ। ଏଠାରେ ୧୪୦ ଜଣରୁ ଅଧିକ ରକ୍ତଦାତା ରକ୍ତଦାନ ପାଇଁ ନାମ ପଞ୍ଜୀକରଣ କରିଥିଲେ ସୁଦ୍ଧା ପ୍ରତ୍ୟେକଙ୍କୁ ସୁଯୋଗ ମିଳି ନ ଥିଲା। ଫଳରେ ସେମାନେ ନିରାଶ ହୋଇ ଫେରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଳସୁଧା ସରପଞ୍ଚ ଭ୍ରମରବର ସ୍ୱାଇଁ, ଯୁବନେତା ଦେବୀ ପ୍ରସାଦ ସାହାଣୀ, ବିଦ୍ୟୁଭୂଷଣ ତ୍ରିପାଠୀ, ଦେବାଶିଷ ସ୍ୱାଇଁ, ମଣ୍ଡାସାହି ସରପଞ୍ଚ ପ୍ରତିନିଧି ଅଶୋକ ଭୋଇ, ସାରଙ୍ଗ ପାଇଟାଳ, ଅଶୋକ ମହାରଣା, ପିଡେଇପୁର ପୂର୍ବତନ ସରପଞ୍ଚ ଦେବେନ୍ଦ୍ର ବେହେରା, ଅନ୍‌ସାର ଅଲ୍ଲୀ, ନିରଞ୍ଜନ ସେଠୀ, ପୂର୍ବତନ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ଜୁବୁଲା ରାୟ, ବିଦୁର ନାୟକ, ଗୋଲାମ ଅଲ୍ଲୀ ଖାଁ, ଜ୍ଞାନରଞ୍ଜନ ଆଚାର୍ଯ୍ୟ, ସୁଶାନ୍ତ ମଲ୍ଲିକ ଓ ତାପସ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସେହିପରି ପ୍ରଶାନ୍ତ ଯୋଗଦେଇଥିବା ଶିବିରରେ ଜିଲା ପରିଷଦ ଅଧ୍ୟକ୍ଷ ମନୋଜ ଭୋଇ, ନାଉଗାଁ ବ୍ଲକ ଅଧ୍ୟକ୍ଷା ତୃପ୍ତା ଲେଙ୍କା, ଜିଲା ଛାତ୍ର ବିଜେଡି ସଭାପତି ଇଂ. ସସ୍ମିତ ଲେଙ୍କା, ବ୍ଲକ ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ନଗର ସଭାପତି ପ୍ରିୟବ୍ରତ ମହାପାତ୍ର, ପୌର ପରିଷଦର ପୂର୍ବତନ ଅଧ୍ୟକ୍ଷ ମଧୁସୂଦନ ସାହୁ, ବ୍ଲକ ମହିଳା ବିଜେଡି ସଭାପତି ପ୍ରଭାତୀ ମହାନ୍ତି, ଜିଲା ବିଜେଡି ଉପସଭାପତି ଦୀପ୍ତିରଞ୍ଜନ ଦାସ ଓ ଜଗତ୍‌ସିଂହପୁର ନିର୍ବାଚନମଣ୍ଡଳୀ ଯୁବ ସଭାପତି ରାଜେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ରକ୍ତଦାନ ଶିବିରରେ ବିଧାୟକ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

## ଗୋଷ୍ଠୀ ସଂଘର୍ଷ: ଜଣେ କୋର୍ଟଚାଲାଣ

ତିର୍ତ୍ତୋଲ,୧୬।୧୦ (ଡି.ଏନ୍.ଏ.)

ତତିର୍ତ୍ତୋଲ ଥାନା ଅଧୀନ ସାମନ୍ତରାପୁର ପଞ୍ଚାୟତ ସିରସ୍ତା ଗ୍ରାମରେ ଦୁଇ ଗୋଷ୍ଠୀ ମଧ୍ୟରେ ଶନିବାର ସଂଘର୍ଷ ହୋଇଛି। ଏନେଇ ଉଭୟ ପକ୍ଷରୁ ଥାନାରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ସିରସ୍ତା ଗ୍ରାମର ଚିତ୍ତରଞ୍ଜନ ପ୍ରଧାନ ଓରଫ ଟିକିନା। ଛାତ୍ର ବିଜେଡି ଜିଲା ଉପସଭାପତି ତଥା ଏହି ଗ୍ରାମର ବୈକୁଣ୍ଠ ବିହାରୀ ପ୍ରଧାନଙ୍କ ଅଭିଯୋଗ ମୁତାବକ ସେ ଶନିବାର ବିଳମ୍ବିତ ରାତିରେ ସିରସ୍ତା ଛକରେ ଠିଆ ହୋଇଥିଲେ। ଏହି ସମୟରେ ଚିତ୍ତରଞ୍ଜନଙ୍କ ସମେତ ଅନ୍ୟମାନେ ତାଙ୍କୁ ସଙ୍ଗବଦ୍ଧ ଭାବେ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଛନ୍ତି। ତାଙ୍କ ଅଭିଯୋଗ ଆଧାରରେ ମାମଲା (ନଂ.୬୩୪/୨୨) ରୁଜୁ ହୋଇଛି। ଅପରପକ୍ଷେ ଗ୍ରାମର ଆଦିତ୍ୟ ସାହୁଙ୍କ ପକ୍ଷରୁ ପାଲଟା ଅଭିଯୋଗ ହୋଇଛି। ତାଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ଚାଲିଥିବା ଲକ୍ଷ୍ମୀ ପୂଜା ନିକଟରେ ରୋଷେଇ କରିବା ଲାଗି ସେ ଜ୍ଞାନରଞ୍ଜନ ପ୍ରଧାନଙ୍କୁ ଚାଉଳ କିଣିବା ଲାଗି ଛକକୁ ପଠାଇଥିଲେ। ସିରସ୍ତା ଛକ ନିକଟରେ ବୈକୁଣ୍ଠ ବିହାରୀ ପ୍ରଧାନଙ୍କ ସମେତ ଅନ୍ୟମାନେ ଜ୍ଞାନରଞ୍ଜନଙ୍କୁ ଗାଳି କରିବା ସହ ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇଥିଲେ। ଏନେଇ ଥାନାରେ ମାମଲା (ନଂ. ୬୩୫/୨୨) ରୁଜୁ କରାଯାଇ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।

## ରକ୍ତଦାନ ଶିବିରରୁ ୭୧ ୟୁନିଟ ସଂଗ୍ରହ

ପାରାଦୀପ,୧୬।୧୦(ସ୍ୱ.ପ୍ର.)

ପାରାଦୀପ ନୂଆବଜାରସ୍ଥିତ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ପରିସରରେ ରବିବାର ରକ୍ତଦାନ ଶିବିର ଆୟୋଜନ କରାଯାଇ ୭୧ ୟୁନିଟ ରକ୍ତ ସଂଗ୍ରହ ହୋଇଛି। ପୌରାଧକ୍ଷ ତଥା ନଗର ବିଜେଡି ସଭାପତି ବସନ୍ତ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ଏମ୍‌ପି ରାଜଶ୍ରୀ ମଲ୍ଲିକ ଓ ବିଧାୟକ ସମ୍ବିତ ରାଉତରାୟ ଆସି କର୍ମୀଙ୍କୁ ଉତ୍ସାହିତ କରିଥିଲେ।

# ବାଇକ୍ ଧକ୍କାରେ ବୃଦ୍ଧା ମୃତ, ୨ ଭାଇ ଗୁରୁତର

କୁଜଙ୍ଗ, ୧୬।୧୦ (ଡି.ଏନ୍.ଏ.)

କକୁଜଙ୍ଗ ଥାନା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଥିବାବେଳେ ବାଇକ ଆରୋହୀ ଦୁଇଭାଇ ଗୁରୁତର ହୋଇଛନ୍ତି । ମୃତକ ହେଲେ ଏହି ଥାନା ଅନ୍ତର୍ଗତ ସନ୍ତରା ତାଳପଦା ଗ୍ରାମର କ୍ଷୀରୋଦ ଜେନାଙ୍କ ସ୍ତ୍ରୀ କୁନିଲତା ଜେନା (୬୦)। ସେ ସନ୍ଧ୍ୟାରେ ଶୌଚ ହେବାକୁ ସନ୍ତରାଗଡା ନିକଟସ୍ଥ ତାଳଦଣ୍ଡା କେନାଲ ବନ୍ଧକୁ ଆସିଥିଲେ। କୁନିଲତା ସେଠାରୁ ଘରକୁ ଫେରିବା ନିମନ୍ତେ କଟକ-ପାରଦୀପ ରାଜ୍ୟ ରାଜପଥ ପାରହେଉଥିବା ସମୟରେ ଭୂତମୁଣ୍ଡାଇ ଆଡୁ କୁଜଙ୍ଗ ଅଭିମୁଖେ ଆସୁଥିବା ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ କୁନିଲତାଙ୍କ ମୃତ୍ୟୁ ଘଟିଥିବା ବେଳେ ବାଇକ୍ ଆରୋହୀ ତଥା ପାରାଦୀପ ଲକ୍ଷ୍ମୀନା ଅନ୍ତର୍ଗତ ନରେନ୍ଦ୍ରପୁର ଗ୍ରାମର ଶ୍ୟାମସୁନ୍ଦର ସୁତାରଙ୍କ ୨ ପୁଅ ବିଶ୍ୱନାଥ ସୁତାର (୨୮) ଓ ଶଶିକାନ୍ତ ସୁତାର (୨୩) ଗୁରୁତର ହୋଇଛନ୍ତି। ୨ ଭାଇଙ୍କୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯିବା ସହ ପୋଲିସରେ ଖବର ଦିଆଯାଇଛି।

## ଶିବିରରେ ୩୦୮ ୟୁନିଟ୍ ସଂଗୃହୀତ

ଡେରାବିଶ ୧୬।୧୦(ସ୍ୱ.ପ୍ର.)

ଓଡ଼ିଶାର ମୁଖ୍ୟମନ୍ତ୍ରୀ ବିଜେଡିର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ୭୭ତମ ଜୟନ୍ତୀ ଅବସରରେ ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ରବିବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦୮ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଓଡ଼ିଶା ମୋ ପରିବାର ଓ ଜୀବନ ବିନ୍ଦୁର ଜିଲା ଶାଖା ପକ୍ଷରୁ ଏହି ଶିବିରକୁ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଓ ଜିଲା ପରିଷଦ ସଭାପତି ଗୀତାଞ୍ଜଳି ସେଠୀ ଯୋଗ ଦେଇଥିଲେ। ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକର ୭ଟି ପଞ୍ଚାୟତ ସମେତ ସମୁଦାୟ ୫୧ଟି ପଞ୍ଚାୟତର ଦଳୀୟ କର୍ମୀ ଉପସ୍ଥିତ ରହିଥିଲେ। କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟର ରେଡ଼କ୍ରସ୍ ପକ୍ଷରୁ ସ୍ୱାସ୍ଥ୍ୟ ଅଧିକାରୀ, କର୍ମଚାରୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ, ସାଧାରଣ ସମ୍ପାଦକ ରବି ସାମଲ, ସୁଦୀପ୍ତ ସାମଲ, ପ୍ରମୋଦ କୁମାର ରଥ, ହିରଣ୍ୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ଗୋଲଖ ଚନ୍ଦ୍ର ସାହୁ, ଗଣେଶ୍ୱର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ନବୀନଙ୍କ ଜନ୍ମଦିନରେ ଦୀପଦାନ, ଚାରାରୋପଣ

ପଞ୍ଚାମୁଣ୍ଡାଇ, ୧୬।୧୦(ସ୍ୱ.ପ୍ର.)

ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜୟନ୍ତୀ ରାଜନଗର ନିର୍ବାଚନମଣ୍ଡଳୀର ପଞ୍ଚାମୁଣ୍ଡାଇଠାରେ ବିଜେଡି ପକ୍ଷରୁ ରବିବାର ପାଳିତ ହୋଇଯାଇଛି। ପଞ୍ଚାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ ପୋଖରୀଆପଡା ହରପାର୍ବତୀ ମନ୍ଦିର ପରିସରରେ ଥିବା ଜଗନ୍ନାଥଙ୍କ ସମ୍ମୁଖରେ ୭୭ଟି ଦୀପ ଦାନ କରାଯାଇ ନବୀନଙ୍କ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା। ଏଥିସହ ପଞ୍ଚାମୁଣ୍ଡାଇ କଲେଜ ପରିସରରେ ୭୭ଟି ବିଭିନ୍ନ ବୃକ୍ଷରୋପଣ କରାଯାଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌରାଧକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡିସଭାପତିକିଶୋର ସାହୁ, ଉପସଭାପତି ସର୍ବେଶ୍ୱର ମହାନ୍ତି, ନଗର ବିଜେଡି ସଭାପତି ବୁଡ଼ା ଲେଙ୍କା, ଜିଲା ବିଜେଡି ସାଧାରଣ ସମ୍ପାଦକ ଶ୍ରୀକାନ୍ତ ରାଉତ, ଜିଲା ଯୁବ ବିଜେଡି ସମ୍ପାଦକ ଅଶୋକ ଧଳ, ବିଜୁ ଯୁବବାହିନୀ ସଭାପତି ସଂଗ୍ରାମ ସ୍ୱାଇଁ, ସମ୍ପାଦକ ଦିଲ୍ଲୀପ ସାହୁ,ଜିଲାପରିଷଦ ସଦସ୍ୟ ରନ ବିଶ୍ୱାଳ, ନଗର ଯୁବବିଜେଡି ସଭାପତି ମିଟୁ ମନୋଜ ନାୟକ, ନଗର ମହିଳା ସଭାନେତ୍ରୀ ଲାସ୍ୟମୟୀ ସାହୁ, ନଗର ଛାତ୍ର ବିଜେଡି ସଭାପତି ଦେବାଶିଷ ନାୟକ ପ୍ରମୁଖ ଯୋଗ ଦେଇଥିଲେ।



ଜଗନ୍ନାଥ ମନ୍ଦିରରେ ମୁଖ୍ୟମନ୍ତ୍ରୀ ନବୀନଙ୍କ ଦୀର୍ଘ ଜୀବନ କାମନା କରି ବିଜେଡି ପକ୍ଷରୁ ୭୭ ଦୀପଦାନ ।

# ମଧ୍ୟାହ୍ନଭୋଜନ: ଗ୍ୟାସ୍ ପରିବର୍ତ୍ତେ କାଠଚୁଲା ବ୍ୟବହାର

- ବିଦ୍ୟାଳୟ ପରିସର ଧୂଆଁମୟ ହେବା ସହ ବାୟୁ ପ୍ରଦୂଷଣ ବଢ଼ୁଛି
- ଚୁଲା ସହ ୨ଟି ଲେଖାଏ ଗ୍ୟାସ ସିଲିଣ୍ଡର ଦିଆଯାଇଛି

ନାଉଗାଁ ,୧୬।୧୦(ସ୍ୱ.ପ୍ର.)

ପୁଷ୍ଟିକର ଖାଦ୍ୟ ସହ ପିଲାଙ୍କୁ ବିଦ୍ୟାଳୟାଭିମୁଖୀ କରିବା ପାଇଁ ସରକାରଙ୍କ ତରଫରୁ ପ୍ରତି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ନାଉଗାଁ ବ୍ଲକର ୭୮ ବିଦ୍ୟାଳୟରେ ହାରାହାରି ୭ ହଜାରରୁ ଊର୍ଦ୍ଧ୍ୱ ପିଲାଙ୍କ ପାଇଁ ପ୍ରତ୍ୟହ ମଧ୍ୟାହ୍ନ ଭୋଜନ ରୋଷେଇ କରାଯାଉଛି। ରୋଷେଇ ସମୟରେ ରୋଷେଇଶାଳ ପରିଷ୍କାର ରଖିବା, ଖାଇବା ସ୍ଥାନ ପରିଷ୍କାର ସହ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି। ଏହି ମଧ୍ୟାହ୍ନଭୋଜନ ପ୍ରସ୍ତୁତି ପାଇଁ ପାଚିକା ଓ ସହାୟିକାଙ୍କୁ ମଧ୍ୟ ନିଯୁକ୍ତି ଦିଆଯାଇଛି। ପୂର୍ବରୁ ଏହି ଭୋଜନ ପ୍ରସ୍ତୁତି ପାଇଁ ବିଦ୍ୟାଳୟଗୁଡ଼ିକରେ କାଠଚୁଲାର ବ୍ୟବହାର କରାଯାଉଥିଲା। ଏନେଇ ସବୁବେଳେ କାଠର ଆବଶ୍ୟକ ହେଉଥିବାବେଳେ କାଠଚୁଲାରୁ ଅତ୍ୟଧିକ ଧୂଆଁ ନିର୍ଗତ ହେଉଥିଲା। ଫଳରେ ବିଦ୍ୟାଳୟ ପରିସର ଧୂଆଁମୟ ହୋଇଯାଉଥିଲା। ବିଦ୍ୟାଳୟ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଏବଂ ବାୟୁ ପ୍ରଦୂଷଣ ରୋକିବା ପାଇଁ ସରକାରଙ୍କ ତରଫରୁ ପ୍ରତ୍ୟେକ ବିଦ୍ୟାଳୟରେ ରୋଷେଇ ପାଇଁ ଗ୍ୟାସ ବ୍ୟବହାର କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି। ଏହି ନିର୍ଦ୍ଦେଶ ବଳରେ ପ୍ରତ୍ୟେକ ବିଦ୍ୟାଳୟକୁ ଗ୍ୟାସ ଚୁଲା ସହ ୨ଟି ଲେଖାଏ ଗ୍ୟାସ ସିଲିଣ୍ଡର ପ୍ରଦାନ କରାଯାଇଛି, ମାତ୍ର ବ୍ଲକର ଅନେକ ବିଦ୍ୟାଳୟରେ ଏବେବି ଗ୍ୟାସ ପରିବର୍ତ୍ତେ କାଠଚୁଲାରେ ରୋଷେଇ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ଶିଖର ପଞ୍ଚାୟତ ନଳାଙ୍ଗ ପ୍ରାଥମିକ ବିଦ୍ୟାଳୟ ଓ ବଛାଳୋ ପଞ୍ଚାୟତ ଅଲଣା-୨ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ଯଦି ଏଠାରେ କାଠଚୁଲାରେ ରୋଷେଇ କରାଯାଉଛି, ତେବେ ଗ୍ୟାସଚୁଲା କି କାର୍ଯ୍ୟରେ ଲାଗୁଛି ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଦ୍ୟାଳୟଗୁଡିକରେ ମଧ୍ୟାହ୍ନ ଭୋଜନରୋଷେଇ ତଦାରଖ କରିବା ପାଇଁ ବିଭିନ୍ନ କ୍ଲଷ୍ଟରରେ ସିଆରସିସିମାନେ ରହିଛନ୍ତି। ମାତ୍ର ସେମାନେ ଠିକ ଭାବେ ଏହାର ଯାଞ୍ଚ କରୁ ନ ଥିବା ନେଇ ସ୍ଥାନୀୟ ଲୋକେ କହିଛନ୍ତି । ଏ ସମ୍ପର୍କରେ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ଅକ୍ଷୟ ବେହେରା କହିଛନ୍ତି, ସେ ସିଆରସିସିଙ୍କ ସହ କଥା ହୋଇ ପରବର୍ତ୍ତୀ ପଦକ୍ଷେପ ନେବେ।


**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**DRAINAGE DIVISION, PURI-752003**

No.A-609

**e-Procurement Notice No.- SEDD-PURI-01/2022-23**
e-mail id:- eeddpuri@gmail.com

| | | |
|---|---|---|
| 1. | Name of works | 1) Renovation of Link channel of South Kania and Construction of Guard Wall near South Kania Sluice at RD 19800 m outfall to Chilika under Doab-VII<br>2) Renovation of Eknalia Drainage Channel (From RD 00 to 12.00 KM), Link Channel of Eknalia (From RD 00 to 6.00 KM), Mahalapata Drainage Channel (From RD 00 to 7.20 KM) and Balipada Link Channel with Structures under Brahmagiri Block. |
| 2. | Total No. of Works | 2 nos. individual package. |
| 3. | Tender Cost of the Work | 1. Rs.74,68,723.00<br>2. Rs.98,48,163.00 |
| 4. | Bid Identification No. | 1. DDP - 89/2022-23<br>2. DDP - 90/2022-23 |
| 5. | Period of Completion | 11 (Eleven) Calendar months |
| 6. | Availability of Tender On-Line | 19.10.2022 from 11.00 Hours to 07.11.2022 upto 17.30 Hours. |
| 7. | Receipt of Bids in the Portal | 19.10.2022 from 11.00 Hours to 07.11.2022 upto 17.30 Hours. |
| 8. | Date of opening of Technical Bid | 10.11.2022 at 11.30 Hours in the O/o the Superintending Engineer, Drainage Division, Puri |
| 9. | Date of opening of Financial Bid | 17.11.2022 at 11.30 Hours in the O/o the Superintending Engineer, Drainage Division, Puri |
| 10. | Date of Lottery (if Required) | 25.11.2022 at 11.30 Hours in the O/o the Superintending Engineer, Drainage Division, Puri |
| 11. | Procurement Officer | Superintending Engineer, Drainage Division, Puri |
| 12. | Class of Contractor | 'B' Class<br>Tenders will be accepted if registered under CDMS portal only as per codal provision. Registration in any other manner will be cancelled. |

The bidders have to participate in on-line bidding only.
Further details can be seen from the Govt. website www.tendersorissa.gov.in
Any addendum/ Corrigendum/ Cancellation of tender can also be seen in the same website.

Sd./- Superintending Engineer, Drainage Division, Puri
OIPR-32357/11/0001/2223



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**JAGATSINGHPUR IRRIGATION DIVISION**

No.A-607

Ph. No. 06724-220038, E-mail- eejspurirr@gmail.com

**"e" Procurement Notice No. JSD-09 of 2022-23.**

| | | |
|---|---|---|
| 1 | Total No. of Works | 04 (four) Nos. |
| 2 | Tender Cost (Approx.) | Rs.25.46 Lakh to Rs.51.52 Lakh |
| 3 | Tender Paper Cost | Rs.6,000/- & Rs.10,000/- (On-line payment) (Non-refundable) |
| 4 | Class of Contractor | Sl. No.01 'C' & 'B' and Sl. No.02, 03 & 04 'B' & 'A' Class Contractor |

5. Other details are as follows.

| Procurement Officer | Bid Identification No. | Availability of Tender From | Availability of Tender To | Last date & time for seeking tender clarification in e-Procurement portal | Date & Time of Opening of Bid | Place of opening of Bid |
|---|---|---|---|---|---|---|
| Superintending Engineer, Jagatsinghpur Irr. Division, Jagatsinghpur | JSD-09/ 2022-23 | 19.10.2022 at 10.00 Hours | 04.11.2022 at 17.00 Hours | From 19.10.2022 10.00 A.M. to 29.10.2022 up to 5.00 PM during office hours | 05.11.2022 at11.00 Hours | O/o the Superintending Engineer, Jagatsinghpur Irr. Division, Jagatsinghpur |

Further details can be seen from the Govt. website "https://tendersodisha.gov.in"

Sd./- Superintending Engineer, Jagatsinghpur Irrigation Division, Jagatsinghpur
OIPR-32050/11/0005/2223

## ସଂକ୍ଷେପରେ

### ୨ମାସର ଶିଶୁକୁ ବିକ୍ରି ଉଦ୍ୟମ

**କଳିଙ୍ଗନଗର,୧୬।୧୦(ଡି.ଏନ୍.ଏ.):** ବ୍ୟାସନଗର ସାଇ ମନ୍ଦିର ରେଳ ଫାଟକ ନିକଟରେ ଥିବା ହାଣ୍ଡିଆପଡ଼ାରେ ଏକ ୨ ମାସର ଶିଶୁପୁତ୍ରକୁ ବିକ୍ରୀ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ଜଣେ ମହିଳା ଶିଶୁପୁତ୍ରକୁ ହାଣ୍ଡିଆପଡ଼ାରେ ତଳେ ଶୋଇଦେଇ ହାଣ୍ଡିଆ ପିଉଥିଲେ। ଶିଶୁଟି କାନ୍ଦୁଥିବା ଦେଖି ସେଠାରେ ଉପସ୍ଥିତ ଲୋକମାନେ ଏ ସଂକ୍ରାନ୍ତରେ ସମ୍ପୃକ୍ତା ମହିଳାଙ୍କୁ ପଚାରିଥିଲେ। ମହିଳା ଜଣକ କହିଥିଲେ ଏହି ପିଲାଟି ବିକ୍ରୀ ହେବ। ଯିଏ ଟଙ୍କା ଦେବ ସେ ନେବ। ଏହାପରେ ଉପସ୍ଥିତ ଲୋକମାନେ ସେହି ମହିଳାଙ୍କୁ ଅଟକ ରଖି ଯାଜପୁରରୋଡ ପୋଲିସକୁ ଜଣାଇଥିଲେ। ଶିଶୁପୁତ୍ରର ମା'ଭଦ୍ରକ ଜିଲା ଚରମ୍ପା ଅଞ୍ଚଳର ସୋମବାରୀ ମୁର୍ମୁ (୩୫)। ଯାଜପୁର ରୋଡ ପୋଲିସ ପହଞ୍ଚି ଶିଶୁପୁତ୍ର ସହିତ ସୋମବାରୀଙ୍କୁ ଯାଜପୁରରୋଡରେ ଥିବା ସୁଧାର ଗୃହରେ ଛାଡ଼ି ଦେଇଥିଲା।

### ପୋଲ ତଳକୁ ଖସିପଡିଲେ ଦମ୍ପତି

**କାଳିଆପାଣି,୧୬।୧୦(ଡି.ଏନ.ଏ.):** କାଳିଆପାଣି ଥାନା ଅନ୍ତର୍ଗତ କାଳିଆପାଣି-ମଙ୍ଗଳପୁର ରାସ୍ତାର ଏକ ନମ୍ବର ଛକ ନିକଟରେ ସାଇକେଲ୍‌ରେ ଯାଉଥିବା ସ୍ୱାମୀସ୍ତ୍ରୀ ପୋଲ ତଳକୁ ଖସି ପଡ଼ିଛନ୍ତି। ଏଥିରେ ସ୍ୱାମୀ ଗୁରୁତର ହୋଇଥିବାବେଳେ ସ୍ତ୍ରୀଙ୍କ ଗୋଡ ଭାଙ୍ଗି ଯାଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ଗରାମିଆଁ ଗାଁର ନାଥ ଭଦ୍ରା ଓ ତାଙ୍କ ସ୍ତ୍ରୀ ନାଛି ଭଦ୍ରା କଙ୍କଡ଼ାହାଡ ବ୍ଲକ କାଠପାଳ ଗ୍ରାମରୁ ଏକ ଶୁଦ୍ଧି କାମ ସାରି ଘରକୁ ସାଇକେଲ ଯୋଗେ ଫେରୁଥିଲେ। ତେବେ ମଙ୍ଗଳପୁର ଆଡୁ କାଳିଆପାଣି ଦିଗକୁ ଯାଉଥିବା ଏକ ଟ୍ରକ୍ ଲାଇଟ ପଡ଼ିବାରୁ ସେମାନଙ୍କୁ ରାସ୍ତା ଦେଖାଯାଇ ନ ଥିଲା। ଫଳରେ ବ୍ୟାରିକେଡ୍ ବିହୀନ ଏକ ନମ୍ବର ଛକରେ ଥିବା ନାଳ ପୋଲତଳକୁ ଦମ୍ପତି ସାଇକେଲ ସହ ପଡ଼ି ଯାଇଥିଲେ। ପୋଲ ତଳେ ଥିବା ପଥର ନାଥଙ୍କ ମୁଣ୍ଡ ଓ ଛାତିରେ ମାଡ ହୋଇଥିଲା। ନାଛିଙ୍କ ଗୋଡ ଭାଙ୍ଗି ଯାଇଥିଲା। ରାସ୍ତା ଦେଇ ଯାଉଥିବା ଲୋକେ ସେମାନଙ୍କୁ ଉଦ୍ଧାର କରିଥିଲେ। କାଳିଆପାଣି ପୋଲିସ ପହଞ୍ଚି ସେମାନଙ୍କୁ ସୁକିନ୍ଦା ଡାକ୍ତରଖାନା ପଠାଇଛି।

### କୁହିକାରେ ଖୋଲିବ ଯୁକ୍ତ ୨ କଲେଜ

**କାଳିଆପାଣି,୧୬।୧୦(ଡି.ଏନ.ଏ.):** ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅଧୀନ କୁହିକାର ମହାଗିରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖୋଲିବ ଯୁକ୍ତ ଦୁଇ କଲେଜ। ଏନେଇ ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ୧୪ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଏପରି କି ୨୦୨୨/୨୩ ଶିକ୍ଷା ବର୍ଷରୁଠାରୁ ଛାତ୍ରୀଛାତ୍ର ଏଠାରେ ଅଧ୍ୟୟନ କରିବାର ସୁଯୋଗ ପାଇବେ ବୋଲି ଜଣାପଡ଼ିଛି। ଫଳରେ ଏହାକୁ ନେଇ କୁହିକା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଦୀର୍ଘ ଦିନହେଲା ଏକ କଲେଜ ପ୍ରତିଷ୍ଠା ପାଇଁ ଅଞ୍ଚଳର ଜନସାଧାରଣ ଦାବି କରିଆସୁଥିଲେ। କଲେଜ ପ୍ରତିଷ୍ଠା ହୋଇଥିବାରୁ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ ରବିବାର ସୁକିନ୍ଦା ଖଣି ଅଞ୍ଚଳ ଗସ୍ତରେ ଯାଉଥିବା ବେଳେ କୁହିକାଠାରେ ଅଞ୍ଚଳର ଜନସାଧାରଣ ତାଙ୍କୁ ଅଟକାଇ କୃତଜ୍ଞତା ଜ୍ଞାପନ କରିଛନ୍ତି। ୫-ଟି ଯୋଜନାରେ ମହାଗିରୀ ହାଇସ୍କୁଲକୁ ନବେକଳେବର କରାଯାଇ କଲେଜ ପାଇଁ ସମସ୍ତ ପ୍ରକାର ଭିତ୍ତିଭୂମି ପ୍ରସ୍ତୁତ କରାଯାଇଛି। ତେବେ କଲେଜ ପାଇଁ ଆଉ ଯାହା ଆବଶ୍ୟକ ତାହାକୁ ତୁରନ୍ତ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସେଠାରେ ପ୍ରକାଶ କରିଥିଲେ। କଲେଜ୍ ପାଇଁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇଙ୍କୁ ମଧ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିନରେ ବରୀରେ ରକ୍ତଦାନ

**ବରୀ,୧୬।୧୦(ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମ ଦିବସରେ ମହିଳା, ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ସ୍ଥାନୀୟ ଅଭିମନ୍ୟୁ ସାମନ୍ତ ସିଂହାର ମହାବିଦ୍ୟାଳୟଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ବରୀ ବିଧାୟିକା ସୁନନ୍ଦା ଦାସ ଉଦ୍‌ଘାଟନ କରିଥିଲେ। ବ୍ଲକ୍ ମହିଳା ବିଜେଡି ସଭାନେତ୍ରୀ ଜ୍ୟୋତ୍ସ୍ନାରାଣୀ ନାଥଶର୍ମା, ଯୁବ ବିଜେଡି ସଭାପତି ରଞ୍ଜନ କୁମାର ପଣ୍ଡା ଓ ଛାତ୍ର ବିଜେଡିର ବିଭିନ୍ନ କର୍ମକର୍ତ୍ତାଙ୍କ ଉଦ୍ୟମକ୍ରମେ ଶିବିରରୁ ୨୦୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ବ୍ଲକ୍ ବିଜେଡି ସଭାପତି କେଦାର ସାମଲ, ଜିଲା ପରିଷଦସଭ୍ୟ ଅଶୋକ ସାମଲ, ବିଜେଡି ନେତା ଦେବେନ୍ଦ୍ର ଦାସ, ସରପଞ୍ଚ ରେବତୀ ଜେନା, ସମିତିସଭ୍ୟା ମାନସୀ ଦାସ, ସରପଞ୍ଚ ଶଙ୍କର୍ଷଣ ସ୍ୱାଇଁ, ସମିତିସଭ୍ୟ ଶ୍ରୀଧର ସେଠୀ, ଚିନ୍ତାମଣି ଜେନା, ଯୁବ ସାମାଜିକ କର୍ମୀ ରତିରଞ୍ଜନ ଜେନା, ବାଲିଆ ସମବାୟ ସମିତି ସଭାପତି ଅଭିନ୍ନ ଜେନା, ଶ୍ରୀନାଥ କର ଓ ସୁଧାଂଶୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।

# ଛତିଆରେ ବଢୁଛି ଦୁର୍ଘଟଣା, ଏନ୍ଏଚ୍ କର୍ତ୍ତୃପକ୍ଷ ଚୁପ୍


ଛତିଆ ଭଟିଆ ଛକ ନିକଟରେ ରାଜପଥକୁ ଲାଗି ଦୋକାନ ଓ ବେଆଇନ ପାର୍କିଂ ରହିଛି।

- ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି ଅସ୍ଥାୟୀ ବ୍ୟବସାୟୀ
- ଦୋକାନ ଯୋଗୁ ରାସ୍ତା ଉପରେ ହେଉଛି ବେଆଇନ ଗାଡ଼ି ପାର୍କିଂ

**ଚଣ୍ଡିଖୋଲ,୧୬।୧୦ (ଡି.ଏନ୍.ଏ.)**

କେନ୍ଦ୍ର ଓ ରାଜ୍ୟ ସରକାର ଗାଡ଼ି ଚାଳକଙ୍କ ପାଇଁ ବିଭିନ୍ନ କଟକଣା ଲାଗୁ କରିଛନ୍ତି। ଜାତୀୟ ରାଜପଥ(ଏନ୍ଏଚ୍)ରେ କ୍ୟାମେରା ଲଗାଯାଇ ଦ୍ରୁତଗତିରେ ଗାଡ଼ି ଚାଳନା କଲେ କିମ୍ବା ହେଲମେଟ ପିନ୍ଧି ନ ଥିଲେ ରାଜପଥରେ ଲାଗିଥିବା କ୍ୟାମେରାରେ ଏହା କଏଦ କରାଯାଇ ସେମାନଙ୍କ ନିକଟରୁ ଜରିମାନାର ଚାଲାଣ ପଠାଇ ଦିଆଯାଉଛି। ଏପରି କି ନିକଟସ୍ଥ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ଏହାର ନକଲ ପଳାଇଯାଉଛି। ଏବେ ହାଇସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ପାଇଁ ଜୋରଦାର ଅଭିଯାନ ସରକାର ଚଳାଉଥିବା ବେଳେ ଏନ୍ଏଚ୍‌କୁ ଅବରୋଧ କରୁଥିବା ବ୍ୟବସାୟଙ୍କ ଉପରେ କୌଣସି କଟକଣା ଲାଗୁ କରାଯାଉନାହିଁ। ଏନ୍ଏଚ୍ କର୍ତ୍ତୃପକ୍ଷ ଏ ଦିଗରେ ଚୁପ୍ ରହୁଛନ୍ତି। ଫଳରେ ୧୬ ନଂ. ଜାତୀୟ ରାଜପଥର ଯାଜପୁର ଜିଲା ବୈରୀ ଥାନା ଅଧୀନ ଛତିଆଠାରେ ରାଜପଥର ଉଭୟ ପାର୍ଶ୍ୱକୁ ଦଖଲ କରାଯାଇ ଶହଶହ ଅସ୍ଥାୟୀ ଦୋକାନ ଗଢି ଉଠିଛି। ଏହି ଅସ୍ଥାୟୀ ଦୋକାନୀଙ୍କ ପାଇଁ ସେଠାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଅକାଳରେ ଚାଲିଯାଉଛି ବହୁ ଜୀବନ।

ଏହାର ଏକ ଉଦାହରଣ ଦେଖାଦେଇଛି ରବିବାର ସକାଳ ୮ଟା ସମୟରେ। ଏକ ଟ୍ରାଭେରା ଗାଡ଼ିକୁ ଟ୍ରକ ଧକ୍କା ଦେବାରୁ ଦୁଇ ମହିଳାଙ୍କ ମୃତ୍ୟୁ ହୋଇଛି। ଏହା ଦିନକର କଥା ନୁହେଁ ବାରମ୍ବାର ଏହି ସ୍ଥାନରେ ଦୁର୍ଘଟଣା ଘଟୁଥିଲେ ମଧ ପୋଲିସ କିମ୍ବା ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଛତିଆ ଭଟିଆ ଛକ ନିକଟରେ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଚା', ପାନ ଓ ଜଳଖିଆ ଦୋକାନମାନ ଗଢି ଉଠିଛି। ଫଳରେ ଜାତୀୟ ରାଜପଥରେ ଯାଉଥିବା ଗାଡ଼ି ଚାଳକ ଓ ଯାତ୍ରୀ ଏଠାରେ ରହି ଚାହା ଜଳଖିଆ ଖାଇଥାନ୍ତି। ଏପରିକି ଏଠାକାର ପ୍ରସିଦ୍ଧ କାକରା ପିଠା ସାଥିରେ ନେଯାଇଥାନ୍ତି। ୧୬ ନଂ.ଜାତୀୟ ରାଜପଥର ଏହି ଛକଟି ଏକ ବଙ୍କାଣି ଛକ। ୬ ଲେନ୍ ବିଶିଷ୍ଟ ଜାତୀୟ ରାଜପଥରୁ ସଦାସର୍ବଦା ଉଭୟ ପାର୍ଶ୍ୱରେ ଦୁଇ ଲେନ୍‌କୁ ଦଖଲ କରି ଗାଡ଼ି ମଟର ଠିଆ ହୋଇଥାନ୍ତି। ଯେଉଁଥି ପାଇଁ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଦୁର୍ଘଟଣାର ସମ୍ମୁଖୀନ ହୁଅନ୍ତି। ଜାତୀୟ ରାଜପଥର ଉଭୟ ପାର୍ଶ୍ୱକୁ ବେଆଇନ ଭାବେ ପାର୍କିଂ କରି ରଖିବା ଦ୍ୱାରା ମୋଟର ସାଇକେଲ ଆରୋହୀ ଯାତାୟାତର ଅସୁବିଧା ଭୋଗନ୍ତି। ଯେଉଁଥିପାଇଁ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହୋଇଥାଏ। ରାସ୍ତା ପାର୍ଶ୍ୱରେ ଦୋକାନ ଗଢି ଉଠିବା ସାଙ୍ଗକୁ ରାସ୍ତା ଉପରେ ବେଆଇନ ପାର୍କିଂ ଏହି ଦୁର୍ଘଟଣାର ମୁଖ୍ୟ କାରଣ। ଏହାଠାରୁ ମାତ୍ର ୨ ଶହ ମିଟର ଦୂରରେ ଜାତୀୟ ରାଜପଥ କଡ଼ ଛତିଆ ଛକ ନିକଟରେ ପାର୍କିଂସ୍ଥଳ ଥିଲାବେଳେ ଗାଡ଼ି ଗୁଡ଼ିକ ସେଠାରେ ପାର୍କିଂ ନ କରି ଦୋକାନ ସମ୍ମୁଖରେ ପାର୍କିଂ କରିଥାନ୍ତି। ରାସ୍ତା ଦେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ପୋଲିସ ସଦାସର୍ବଦା ଯାତାୟତ କରୁଥିଲେ ମଧ ଏଥିପ୍ରତି କାହାର ନଜର ନ ଥାଏ। ଅନ୍ୟସ୍ଥାନରେ ଜାତୀୟ ରାଜପଥ ଅବରୋଧ କରିବା ନେଇ ମାମଲା ହେବା ସହିତ ଉଚ୍ଛେଦ କରାଯାଉଥିବା ବେଳେ ଏଠାରେ ଅଧିକାରୀଙ୍କ ନିରବତାକୁ ନେଇ ପ୍ରଶ୍ନ ଉଠିଛି। ରବିବାର ଘଟିଥିବା ମର୍ମନ୍ତୁଦ ଦୁର୍ଘଟଣା ଏହି ବେଆଇନ ପାର୍କିଂ ଓ ଦୋକାନ ଯୋଗୁ ହୋଇଥିବା ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ଜାତୀୟ ରାଜପଥ ପ୍ରାଧିକରଣର ମହାପ୍ରବନ୍ଧକ ରାମଚନ୍ଦ୍ର ପଣ୍ଡାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ କୌଣସି ଉତ୍ତର ମିଳି ନ ଥିଲା। ବୈରୀ ଥାନାଧିକାରୀ ସଂଘମିତ୍ରା ନାୟକଙ୍କୁ ପଚାରିବାରେ ତାହା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କାମ ବୋଲି କହି କଥାକୁ ଏଡ଼ାଇ ଯାଇଥିଲେ। ତେବେ ରାଜପଥ କର୍ତ୍ତୃପକ୍ଷ ଓ ପୋଲିସ ଏ ଦିଗରେ ସଜାଗ ହେବାକୁ ଦାବି ହୋଇଛି।

# କଳିଙ୍ଗନଗରରେ ନୂଆଁଖାଇ ଭେଟ୍‌ଘାଟ୍



ନୂଆଖାଇ ଭେଟ୍‌ଘାଟ ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା।

**କଳିଙ୍ଗନଗର,୧୬।୧୦ (ଡି.ଏନ.ଏ.)**

ଢୋଲ, ନିଶାନ୍, ତାସା, ମହୁରୀ ବାଜେ। ଦେବଦେବୀଙ୍କ ପୂଜାପାର୍ବଣରେ ପଶ୍ଚିମ ଓଡ଼ିଶାରେ ଲୋଡ଼ାପଡ଼େ ଏଇ ଲୋକବାଦ୍ୟ। ଆଧୁନିକତା ଛାପ ଓ ଜଗତୀକରଣ ପ୍ରଭାବରେ ଯଦିଓ ଏଇ ଲୋକବାଦ୍ୟ ସବୁ ଲୋକପ୍ରିୟତା ହରାଇ ଆସୁଛି, ତଥାପି ପଶ୍ଚିମ ଓଡିଶାର ଗ୍ରାମାଞ୍ଚଳ ତଥା ନୂଆଁଖାଇ ଭେଟଘାଟ ଅବସରରେ ଏହା ଆଦର ହରାଇ ନାହିଁ। ଯାହାକି ନୂଆଖାଇ ପରିବାର ବ୍ୟାସନଗର, ଯାଜପୁର ରୋଡ ପକ୍ଷରୁ ରବିବାର ଦାନଗଦି ରୟାଲ ତାଜ ପ୍ୟାଲେସଠାରେ ଅନୁଷ୍ଠିତ ନୂଆଁଖାଇ ଭେଟଘାଟ ମହାସମାରୋହରେ ଦେଖିବାକୁ ମିଳିଥିଲା। ଛୋଟଠାରୁ ଆରମ୍ଭ କରି ଯୁବବର୍ଗ ଓ ବୟସ୍କ ପର୍ଯ୍ୟନ୍ତ ମହିଳା ପୁରୁଷ ଏହି ବାଦ୍ୟର ତାଳେ ତାଳେ ଝୁମି ଉଠିଥିଲେ।

#### ମନମୋହିଲା ଢୋଲ, ନିଶାନ୍ ତାଳେତାଳେ ନାଚଗୀତ

ସୋନପୁର ଜିଲା ବୀରମହାରାଜପୁରର ସୁର ମେଲୋଡି ପକ୍ଷରୁ ପରିବେଷିତ ସମ୍ବଲପୁରୀ ଗୀତ ଓ ନାଚ ସମସ୍ତଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମ ଆରମ୍ଭରୁ ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଇଙ୍କ ପାଖରେ ଧୂପ, ଦୀପ ଓ ନୂଆ ଚାଉଳ ଦେଇ ପୂଜା କଲା ପରେ ନୂଆ ପୋଷାକ ପରିଧାନ କରି ୪୦୦ରୁ ଊର୍ଦ୍ଧ୍ୱ ପରିବାର ନାଚଗୀତରେ ମସଗୁଲ ଥିବାର ଦେଖିବାକୁ ମିଳିଥିଲା।

ଛୋଟ ଛୋଟ ପିଲାମାନଙ୍କର ସମ୍ବଲପୁରୀ ଗୀତ ଓ ନାଚ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ନିଜ ମା' ମାଟି ଛାଡ଼ି ସମସ୍ତେ ବାହାରେ ରହୁଥିଲେ ମଧ ଏକତାର ଡୋରିରେ ସମସ୍ତେ ବାନ୍ଧି ହୋଇଥିଲେ। ମହିଳା ଓ ପୁରୁଷମାନେ ହାତ ଧରାଧରି ହୋଇ ନାଚଗୀତ କରିବା ବହୁତ ଆକର୍ଷଣୀୟ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଉମାରାଣୀ ପଣ୍ଡା ପରିଚାଳନା କରିଥିବାବେଳେ ସଭାପତି ନୀଳକଣ୍ଠ ପ୍ରଧାନ, ସମ୍ପାଦକ ରାଧାକାନ୍ତ ସାହୁ, ହର୍ଷବର୍ଦ୍ଧନ ବେହେରା, ବାଙ୍କା ମିଶ୍ର, ପୂର୍ଣ୍ଣାଙ୍ଗ ଶୁକ୍ଳା, ବରୁଣ ବନଛୋର, ସୁବୋଧ ପଣ୍ଡା, ପ୍ରୀତିରଞ୍ଜନ ଗଡତ୍ୟା, ନରେନ୍ଦ୍ର ପ୍ରଧାନ ପ୍ରମୁଖ ଯାଜପୁର ରୋଡରେ ନୂଆଁଖାଇ ଭେଟଘାଟର ଆରମ୍ଭ ଏବଂ ଏହାର ବିଶେଷତ୍ୱ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। କଳିଙ୍ଗନଗର ଟାଟା ଷ୍ଟିଲର କର୍ପୋରେଟ କମ୍ୟୁନିକେଶନର ପ୍ରଭାତ ପାତ୍ର, କଳିଙ୍ଗନଗର ଅତିରିକ୍ତ ଏସ୍‌ପି ଏସ୍. ଟପ୍ପୋ, ଯାଜପୁର ରୋଡ ମେଡିକାଲ ଅଫିସର ସନ୍ତୋଷ କୁମାର ପୃଷ୍ଟି ଅତିଥି ଭାବେ ଯୋଗଦେଇଥିଲେ।

### 'ସମାଜ ସଂସ୍କାରକ ଥିଲେ ଗଣକବି'

**ଧର୍ମଶାଳା,୧୬।୧୦ (ଡି.ଏନ.ଏ.)**

ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଗଣକବି ବୈଷ୍ଣବ ପାଣିଙ୍କ ୧୪୦ତମ ଜୟନ୍ତୀ ଉତ୍ସବ ଅନୁଷ୍ଠାନ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଗୋକର୍ଣ୍ଣିକା କାର୍ଯ୍ୟାଳୟ ପରିସରରେ ରବିବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ଯାଜପୁର ଜିଲା ଲେଖକ ସମ୍ମେଳନ ସଭାପତି ଡ. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ଗଣକବି ଏକାଧାରରେ ଜଣେ ଲେଖକ, ନାଟ୍ୟକାର, ନିର୍ଦ୍ଦେଶକ ଓ ସମାଜ ସଂସ୍କାରକ ଥିଲେ। ତାଙ୍କ ଗୀତିନାଟ୍ୟର ପ୍ରଭାବ ଏବେ ସୁଦ୍ଧା ଜନମାନସରେ ରହିଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବ୍ରହ୍ମବରଦା ଡିଗ୍ରୀ କଲେଜ ଅଧ୍ୟକ୍ଷ ମହେଶ୍ୱର ପାଢ଼ୀ ଯୋଗଦେଇ ଗଣକବିଙ୍କର ଓଡ଼ିଆ ଓ ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ଥିଲା ବୋଲି କହିଥିଲେ। ସମ୍ପାଦକ ହୃଷୀକେଶ ସାମଲ ବିବରଣୀ ପାଠ କରିଥିବାବେଳେ ଅଧ୍ୟାପକ ବିଜୟ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଉପସଭାପତି ବଟକୃଷ୍ଣ ପରିଡ଼ା, ଆଇନଜୀବୀ ସନ୍ତୋଷ କୁମାର ତରାଇ, ବ୍ରଜକିଶୋର ଦାଶ, ସୁନାକର ସାହୁ, ଗବେଷିକା ସସ୍ମିତା ଦାଶ, ପ୍ରତାପରୁଦ୍ର ପଣ୍ଡା, ପ୍ରଦୀପ ସାମଲ ପ୍ରମୁଖ ଯୋଗଦେଇ ଗଣକବିଙ୍କ ସାହିତ୍ୟକୃତି ସମ୍ପର୍କରେ ଆଲୋଚନା କରି ତାଙ୍କ ସ୍ମୃତିଚାରଣ କରିଥିଲେ। ଅଜୟ କୁମାର ବାରିକ ଧନ୍ୟବାଦ ଦେଇଥିଲେ।

# ଟାଟା ପାୱାର ଜୁଲମରେ ଅତିଷ୍ଠ ଉପଭୋକ୍ତା


ବୈଠକରେ ଯୋଗ ଦେଇଥିବା ବିଦ୍ୟୁତ୍ ଉପଭୋକ୍ତା।

**କଳିଙ୍ଗନଗର,୧୬।୧୦(ଡି.ଏନ.ଏ.)**

ବିଦ୍ୟୁତ୍ ବିଭାଗ ପରିଚାଳନା ଦାୟିତ୍ୱରେ ଥିବା ଟାଟା ପାୱାରର ଉପଭୋକ୍ତା ଶୋଷଣ ପ୍ରତିବାଦରେ ରବିବାର ସ୍ଥାନୀୟ ହୋଟେଲ ରୟାଲ କଳିଙ୍ଗଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁରରୋଡ ଡିଭିଜନ ଅନ୍ତର୍ଗତ ପାଣିକୋଇଲି, ଶଙ୍ଖଚିଲା, ରଗଡି, କୋରେଇ ସମେତ ବ୍ୟାସନଗର ସହରବାସୀ ଓ ଅଞ୍ଚଳର ଲୋକେ ଯୋଗଦେଇ କମ୍ପାନୀ କାର୍ଯ୍ୟକଳାପର ଦୃଢ଼ ପ୍ରତିବାଦ କରିଛନ୍ତି। ଆବାହକ ଶ୍ରମିକ ନେତା ଭ୍ରମରବର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଡ. ଦୁଷ୍ମନ୍ତ କୁମାର ନାୟକ, ସାମ୍ବାଦିକ ଚିନ୍ତାମଣି ପାଢ଼ୀ, ଯାଜପୁରରୋଡ ଚାମ୍ବର ଅଫ୍ କମର୍ସର ସମ୍ପାଦକ ସଦାଶିବ ଦାସ, ପ୍ରାକ୍ତନ କୋରେଇ ବ୍ଲକ୍ ଅଧ୍ୟକ୍ଷ ଧରଣୀଧର ଘଡ଼ାଇ, ସାମାଜିକ କର୍ମୀ ପ୍ରସନ୍ନ କୁମାର ସାମଲ ପ୍ରମୁଖ ଯୋଗଦେଇ ଟାଟା ପାୱାରର ସ୍ୱେଚ୍ଛାଚାରିତା ଓ ଅଗଣତାନ୍ତ୍ରିକ ଜରିମାନା ଆଦାୟ, ଲୋ ଭୋଲଟେଜ୍, ବାରମ୍ବାର ବିଦ୍ୟୁତ୍ କାଟ୍, ଠିକ୍ ଓ ନିରନ୍ତର ସେବା ନ ଯୋଗାଇବା, ବିନା ନୋଟିସରେ ଘରେ ପଶି ଜୋରଜବରଦସ୍ତ ଲାଇନ୍ କାଟିବା, ତ୍ରୁଟିପୂର୍ଣ୍ଣ ମିଟର ପାଇଁ ମନଇଚ୍ଛା ଫାଇନ୍ ଲଗାଇବା ବିଷୟଗୁଡିକ ଉପରେ ଆଲୋଚନା କରାଯାଇଥିଲା।

ସ୍ୱତନ୍ତ୍ର କମିଟି ଗଠନ କରାଯାଇ ଘଟଣାର ସମାଧାନ ନିମନ୍ତେ ଏକ ଦାବିପତ୍ର ବିଦ୍ୟୁତ୍ ବିଭାଗ ଯାଜପୁରରୋଡ ଡିଭିଜନ୍ ନିର୍ବାହୀ ଯନ୍ତ୍ରୀଙ୍କ ମାଧ୍ୟମରେ ବାଲେଶ୍ୱର ସିଇଓଙ୍କୁ ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ପରବର୍ତ୍ତୀ ପରିବର୍ଦ୍ଧିତ ବୈଠକ ୩୦ ତାରିଖ ରବିବାର ଅନୁଷ୍ଠିତ ହେବ ବୋଲି ଆବାହକ ରାଉତ ସୂଚନା ଦେଇଛନ୍ତି। ବରିଷ୍ଠ ସାମ୍ବାଦିକ ସଂଗ୍ରାମ ସିଂହ, ତପନ ମିଶ୍ର, ଯାଜପୁରରୋଡ ଟ୍ରକ ମାଲିକ ସଂଘ ସଭାପତି ଅମିୟ ବାରିକ୍, ହରିହର ଜେନା, କାର୍ତ୍ତିକ ସେନାପତି, ପ୍ରାକ୍ତନ ସରପଞ୍ଚ ବଟକୃଷ୍ଣ ସାହୁ, ପଦ୍ମଲୋଚନ ମହାନ୍ତି, ପୃଥ୍ୱୀରାଜ ସ୍ୱାଇଁ ଓ ସନ୍ତୋଷ ଦାସ ପ୍ରମୁଖ ଯୋଗଦେଇ ବିଭାଗର ମନମାନୀ ଉପରେ ବକ୍ତବ୍ୟ ରଖିଥିଲେ। ଶେଷରେ ସାମାଜିକ କର୍ମୀ ତାରିଣୀ କୁମାର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com


@ ଆଶିଷ


@ କବି ନାରାୟଣ


@ ରାକେଶ


@ ରଶ୍ମିରଞ୍ଜନ


@ ୱାଇ. ଶ୍ରୀନିବାସ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।


## Government of Odisha
### Higher Education Department

**Dateline for Collection of admission fees from First Year U.G. & P.G. students (freshly admitted) for the Academic Session 2022-23**

**No. N-49:-** Dateline for collection of admission fees at the respective HEIs from First Year U.G. & P.G. students (freshly admitted) in Universities and Colleges for the Academic Session 2022-23 for State Public Universities and Colleges under project 'Student Academic Management System (SAMS)' is given below.

1. U.G. Students, who were finally admitted in Phase-I admission process and **not willing to apply again in Phase-II process** have to deposit their admission fees from **14.10.2022 to 31.10.2022** directly at the admitted HEIs in online mode. Similarly, Students who will finally admitted in Phase-II admission process have to deposit their admission fees from **01.11.2022 to 15.11.2022** directly at the admitted HEIs in online mode (Net Banking/ Bank Challan/NEFT) only. Cash transaction is strictly prohibited.
2. P.G. Students, who were finally admitted in Phase-I admission process (1st selection & 2nd selection) and who will be finally admitted in SPOT selection process have to deposit their admission fees from **17.10.2022 to 15.11.2022** directly at the admitted HEIs in online mode (Net Banking/ Bank Challan/NEFT) only. Cash transaction is strictly prohibited.
3. The Higher Education Institutions can also collect the Hostel fees from the desired students (both U.G. & P.G.) withing the dateline.
4. The non-payment of admission fees within the dateline will **lead to cancellation of admission**. Hence, Students are requested to deposit the admission fees within the timeline mentioned above.

**For more details please contact: e-Admission Helpline (Toll Free) Number 155335 / 1800-345-6770**

OIPR-11001/11/0038/2223 — Sd./- Deputy Director, PTC Section

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କ ଜନ୍ମ ଦିବସରେ ୭୬୧ ୟୁନିଟ୍ ରକ୍ତ ସଂଗ୍ରହ

**ନୟାଗଡ଼ ଅଫିସ/ଓଡ଼ଗାଁ/ ଦଶପଲ୍ଲା, ୧୬।୧୦ (ସ୍ୱ.ପ୍ର./ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମଦିବସ ଉପଲକ୍ଷେ ରବିବାର ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଓଡିଶା ମୋ ପରିବାର ଓ ଜୀବନବିନ୍ଦୁ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲାରେ ସମୁଦାୟ ୭୬୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଓଡ଼ଗାଁରେ ୨୦୦ୟୁନିଟ୍, ଦଶପଲ୍ଲାରେ ୨୦୧ୟୁନିଟ୍, ରାଜସୁନାଖଳା ୧୬୦ୟୁନିଟ୍, ନୟାଗଡ଼ରେ ୨୯୦ୟୁନିଟ୍ ରକ୍ତ ସଂଗୃହିତ ହୋଇଛି। ଓଡ଼ଗାଁ ବ୍ଲକ ବିଜେଡି ପକ୍ଷରୁ ରଘୁନାଥ ସମବାୟ ମହାବିଦ୍ୟାଳୟ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବ,ଛାତ୍ର ଓ ମହିଳା ବିଜେଡି କର୍ମକର୍ତ୍ତା ସାମିଲ ହୋଇଥିଲେ। ଦଶପଲ୍ଲାରେ ବି ବିଜେଡି ପକ୍ଷରୁ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିବା ବେଳେ ଅନ୍ୟଏକ ଗୋଷ୍ଠୀ ପକ୍ଷରୁ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା।

### ଗାଡ଼ି ଧକ୍କାରେ ବଣବିରାଡ଼ି ମୃତ



**ଦଶପଲ୍ଲା,୧୬।୧୦(ଡି.ଏନ୍.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ଦଶପଲ୍ଲା ନିକଟ ଟୋଲଗେଟ-କୁଆଁରିଆ ଛକ ମଧଭାଗରେ କୌଣସି ଗାଡ଼ି ଧକ୍କାରେ ଏକ ବଣବିରାଡ଼ିର ମୃତ୍ୟୁ ହୋଇଛି। ରବିବାର ପୂର୍ବାହ୍ନରେ ଦଶପଲ୍ଲା ବନ ବିଭାଗ ଅଧିକାରୀମାନେ ଏ ସଂକ୍ରାନ୍ତରେ ଖବର ପାଇ ମୃତ ବିରାଡ଼ିକୁ ଜବତ କରିଥିଲେ। ଏହାପରେ ପ୍ରାଣୀଧନ ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ପୋତି ଦେଇଥିଲେ। ସୂଚନାଯୋଗ୍ୟ, ଜାତୀୟ ରାଜପଥ ଜଙ୍ଗଲ ଦେଇ ଯାଇଥିବାରୁ ରାତିରେ ବହୁ ବନ୍ୟଜନ୍ତୁ ରାସ୍ତା ଅତିକ୍ରମ କରୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ନଜିର ରହିଛି। ସେଥିମଧ୍ୟରୁ ଅଧିକାଂଶଙ୍କ ଗାଡ଼ି ଧକ୍କାରେ ମୃତ୍ୟୁ ଘଟୁଛି।

### ଚକ୍ଷୁ ଚିକିତ୍ସା ଶିବିର

**ଖଣ୍ଡପଡ଼ା,୧୬।୧୦(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ କୃଷ୍ଣଚନ୍ଦ୍ରପୁର ପାଟଣା ରାଧାନାଥ ବାଳିକା ପ୍ରାଥମିକ ବିଦ୍ୟାଳୟ ପରିସରରେ କଟକ ବିଡ଼ାନାସୀ ରୋଟାରୀ ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ରବିବାର ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଡ଼ାକ୍ତର ଗାୟତ୍ରୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ୪୩ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ୧୪ ଜଣଙ୍କ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର କରାଯିବା ପାଇଁ ପରାମର୍ଶ ଦିଆଯାଇଛି। ସେମାନଙ୍କୁ ସଂସ୍ଥା ପକ୍ଷରୁ ବିଡାନାସୀ ଚିକିତ୍ସା ପାଇଁ ପଠାଇ ଦିଆଯାଇଥିବା ସଂଯୋଜକ ପରେଶ ସାହୁ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ପ୍ରଜ୍ଞା ମହାନ୍ତି, ଝୁନୁବାଳା ପଣ୍ଡା, ବିଶ୍ୱନାଥ ପଣ୍ଡା ଓ ଦାମୋଦର ଜେନା ପରିଚାଳନା କରିଥିଲେ।

# ମାଟିରେ ମିଶିଲା ପୁରୁଣା ଜେଲ

- ବିଳମ୍ବିତ ରାତି, ଛୁଟି ଦିବସରେ ଜେଲ ଭାଙ୍ଗିବା ନେଇ ଉଠିଲା ପ୍ରଶ୍ନ
- ଖୋଲା ପାର୍କିଂ ବ୍ୟବସ୍ଥା ନ ହେଲେ ଆନ୍ଦୋଳନ
- ବହୁତଳ ମାର୍କେଟ କମ୍ପ୍ଲେକ୍ସକୁ ବିରୋଧ

**ନୟାଗଡ଼ ଅଫିସ,୧୬।୧୦**

ଖୁଣ୍ଟୁବନ୍ଧକୁ ସ୍ଥାନାନ୍ତର ପରେ ପରିତ୍ୟକ୍ତ ହୋଇ ପଡିଥିବା ନୟାଗଡ଼ ପୁରୁଣା ଜେଲକୁ ଶନିବାର ବିଳମ୍ବିତ ରାତି ଓ ରବିବାର ପରି ଛୁଟିଦିନରେ ଭଙ୍ଗାଯିବାରୁ ପ୍ରତିବାଦ ଉଠିଛି। ମ୍ୟୁନିସିପାଲିଟି ପକ୍ଷରୁ ତରବରିଆ ଭାବେ ପୁରୁଣା ଜେଲକୁ ଭଙ୍ଗାଯିବାକୁ ନେଇ ନୟାଗଡ଼ ସହରର ଅନେକ ବାସିନ୍ଦା ନାପସନ୍ଦ କରିବା ସହ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେବେ ପୁରୁଣା ଜେଲ ଜମିରେ ବହୁ ତଳ ମାର୍କେଟ କମ୍ପ୍ଲେକ୍ସ ନ କରି ଖୋଲା ପାର୍କିଂ ବ୍ୟବସ୍ଥା କରିବାକୁ ଦାବି ଉଠିଛି। ପୁରୁଣା ଜେଲ ଜମିକୁ ପାର୍କିଂ ବଦଳରେ ଅନ୍ୟ କିଛି କରାଗଲେ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।

୨୦୦୯ରେ ନୟାଗଡ଼ ସବ୍‌ଜେଲ ଉଠିବା ପରେ ପୁରୁଣା ଜେଲ ଜମିର ପୂର୍ବ ପାଖରେ ୧୬ଟି ଦୋକାନ ଘର ନିର୍ମାଣ ହୋଇଥିଲା। ସେହି ଦୋକାନ ଘର ଜୁବୁଲି ମାର୍କେଟ ପଛ ପାଖରେ ରହିଛି। ଏ ପରିପ୍ରେକ୍ଷୀରେ ପୁରୁଣା ଜେଲ ଜମିକୁ ନେଇ ୨୦୦୯ ଓ ୨୦୧୦ରେ କୋର୍ଟରେ ୨ଟି ମକଦ୍ଦମା ହୋଇଥିଲା। ପ୍ରଥମ ମକଦ୍ଦମାଟି ପୁରୁଣା ଜେଲର ୬୩ ଏକର ଜମି ଉପରେ ହୋଇଥିଲା। ହାଇକୋର୍ଟ ରହିତାଦେଶ ଜାରି କରିଥିଲେ। ତେବେ ଜିଲା କୋର୍ଟ ପାଇଁ ସ୍ଥାନ ଚୟନ କରାଯାଇ ନୂଆ କୋଠା ନିର୍ମାଣ ପରେ ହାଇକୋର୍ଟ ରହିତାଦେଶ ଉଠାଇ ଦେଇଥିଲେ। କିନ୍ତୁ ଜବରଦଖଲ କରି ଦୋକାନ ଘର



ପୁରୁଣା ଜେଲ କୋଠା ଭଙ୍ଗାଯାଉଛି।

କରାଯାଇଥିବାରୁ ନୟାଗଡ଼ ଦେୱାନୀ ଜଜ୍ କନିଷ୍ଠଙ୍କ କୋର୍ଟରେ ୨୦୧୦ରେ ଅନୁରୂପ ମକଦ୍ଦମା ହୋଇଥିଲା। ଏଣୁ ଜେଲ ଜମିର ପୂର୍ବ ପାଖ ପ୍ରାଚୀରଠାରୁ ବିବାଦୀୟ ଦୋକାନ ଘର ପର୍ଯ୍ୟନ୍ତ କୋର୍ଟ ରହିତାଦେଶ ଜାରି କରିଥିଲେ। ସଂପୃକ୍ତ ଅଞ୍ଚଳରେ ସ୍ଥିତାବସ୍ଥା ବଳବତ୍ତର ଥିବାରୁ ଗତ କିଛି ଦିନ ତଳେ ନୟାଗଡ଼ ମ୍ୟୁନିସିପାଲିଟି ପକ୍ଷରୁ ପ୍ରାଚୀର ଭଙ୍ଗାଯିବା ବେଆଇନ ବୋଲି କୁହାଯାଇଥିଲା। ଏଭଳିସ୍ଥଳେ ଶନିବାର ରାତି ଓ ରବିବାର ପରି ଛୁଟିଦିନରେ ତରବରିଆ ଭାବେ ଦୋକାନ ଭଙ୍ଗା ଯାଇଛି।

ଏନେଇ ମ୍ୟୁନିସିପାଲିଟିର ଚେୟାରମ୍ୟାନ ନିରୁପମା ଖଟେଇ କୁହନ୍ତି, ଜିଲାପାଳଙ୍କ ନିର୍ଦ୍ଦେଶରେ ପୁରୁଣା ଜେଲ ଜମିରୁ ପରିତ୍ୟକ୍ତ ଜେଲକୁ ଭଙ୍ଗା ଯାଇଛି। ଏହା ବିପଦସଙ୍କୁଳ ଅବସ୍ଥାରେ ଥିଲା। ଏଥିରେ ପାର୍କିଂ ସୁବିଧା ସହ ବହୁତଳ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯିବ। ଲୋକଙ୍କ ସୁବିଧା ପାଇଁ ମ୍ୟୁନିସିପାଲିଟି ପକ୍ଷରୁ ସବୁ ପ୍ରକାରର ସୁବିଧା ଯୋଗାଇ ଦିଆଯାଉଥିବାବେଳେ ଏହାକୁ ବିରୋଧ କରାଯିବା ଠିକ୍ ନୁହେଁ। ପୂର୍ବତନ ଏନ୍‌ଏସି ଚେୟାରମ୍ୟାନ ଭବାନୀ ଶଙ୍କର ଦାଶ କୁହନ୍ତି, ଜେଲ ଜମିକୁ ନେଇ ରୋଜଗାର କରାଯିବାକୁ ଉଦ୍ୟମ ଆରମ୍ଭ ହୋଇଛି। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ତରବରିଆ ଭାବେ ପାଣ୍ଠି ସଂଗ୍ରହ ପାଇଁ ମସୁଧା ଚାଲିଛି। ନୟାଗଡ଼ରେ ବିଜୁ ମାର୍କେଟ, ରାଜୀବ ମାର୍କେଟ ପରି ଅନେକ କମ୍ପ୍ଲେକ୍ସ ରହିଛି। ହେଲେ ଏଥିରେ ପାର୍କିଂ ବ୍ୟବସ୍ଥା ନାହିଁ। ପୁଣି ସହରରେ ସ୍ୱତନ୍ତ୍ର ପାର୍କିଂ ପାଇଁ ସ୍ଥାନ ନାହିଁ। ସଂପୃକ୍ତ ଜମିରେ ଖୋଲା ପାର୍କିଂ ବ୍ୟବସ୍ଥା କରିବାକୁ ବର୍ତ୍ତମାନର ମ୍ୟୁନିସିପାଲିଟି ଅଧକ୍ଷାଙ୍କ ସ୍ୱାମୀ ଆମ ସହ ମିଶି ଆନ୍ଦୋଳନ କରିଥିଲେ। ହେଲେ ସେ ମୂଳ ଦାବିରୁ ଓହରି ଏହାକୁ ଅନ୍ୟ କାର୍ଯ୍ୟରେ ଲଗାଇବାକୁ ଉଦ୍ୟମ କରୁଛନ୍ତି। ଏଣୁ ଜେଲ ଜମିରେ ଖୋଲା ପାର୍କିଂ ବ୍ୟବସ୍ଥା କରାଯିବା ଦରକାର। ନୟାଗଡ଼ ସହରବାସୀ ବି ଖୋଲା ପାର୍କିଂ କରିବାକୁ ଦାବି କରିଛନ୍ତି। ଏହା କରା ନ ଗଲେ ମୋ ନେତୃତ୍ୱରେ ଆନ୍ଦୋଳନ କରାଯିବ। କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ପୁରୁଣା ଜେଲ ଜମିରେ ଖୋଲା ପାର୍କିଂ ବ୍ୟବସ୍ଥା କରା ନ ଗଲେ କଂଗ୍ରେସ ଲୋକଙ୍କ ପାଖକୁ ଯାଇ କାମ ବନ୍ଦ କରାଇବ। ଏପରିକି ପ୍ରସଙ୍ଗ କୋର୍ଟକୁ ନେଇ ଲଢ଼ିବ। ନୟାଗଡ଼ ବାସିନ୍ଦା ତ୍ରିନାଥ ସାହୁ କୁହନ୍ତି, ଜେଲ ଜମିରେ ଖୋଲା ପାର୍କିଂ ବ୍ୟବସ୍ଥା କରା ନ ଗଲେ ଖୋଲାଖୋଲି ବିରୋଧ କରାଯିବ।

# ୩୯୫ କୋଟି ଟଙ୍କାରେ ୨ ପାନୀୟ ଜଳ ପ୍ରକଳ୍ପ



ଖବରଦାତା ସମ୍ମିଳନୀରେ ୩ ବିଧାୟକଙ୍କ ସହ ଅନ୍ୟମାନେ।

- ୨୪ ମାସରେ କାମ ଶେଷ ହେବାକୁ ନିର୍ଦ୍ଦେଶ
- ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ୩ ବିଧାୟକ

**ନୟାଗଡ଼ ଅଫିସ,୧୬।୧୦**

ନୟାଗଡ଼ ଜିଲାର ଓଡ଼ଗାଁ ଓ ରଣପୁର ବ୍ଲକ ପାଇଁ ୩୯୫ କୋଟି ୪୪ ଲକ୍ଷ ଟଙ୍କାରେ ୨ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ହେବ। ଏଥିପାଇଁ ଶନିବାର କ୍ୟାବିନେଟ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି। ଉପରୋକ୍ତ ୨ ବ୍ଲକର ପ୍ରତି ଘରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ପଦକ୍ଷେପ ନିଆଯାଇଛି ବୋଲି ରବିବାର ସନ୍ଧ୍ୟାରେ ନୟାଗଡ଼ରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ୩ ବିଧାୟକଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।

ଉକ୍ତ ଖବରଦାତା ସମ୍ମିଳନୀରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ, ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ନୟାଗଡ଼ ମ୍ୟୁନିସିପାଲିଟି ଚେୟାରମ୍ୟାନ ନିରୁପମା ଖଟେଇ, ଓଡ଼ଗାଁ ବ୍ଲକ୍ ଚେୟାରମ୍ୟାନ ଲୋକନାଥ ସାହୁ, ରଣପୁର ବ୍ଲକ ଉପାଧକ୍ଷ ପ୍ରଭାତ ଦଳବେହେରା, ରଣପୁର ଓ ଓଡ଼ଗାଁ ବ୍ଲକର ଜିଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ। ଖବରଦାତା ସମ୍ମିଳନୀର ତଥ୍ୟ ଅନୁସାରେ ମହାନଦୀରୁ ପାଣି ଯୋଗାଣ ହେବ। ଏଥିପାଇଁ ରଣପୁର ବ୍ଲକର ସୁନାଖା ଓ ଓଡ଼ଗାଁ ବ୍ଲକର ସୋଲପଟାଠାରେ ଦୁଇଟି ଟ୍ରିଟ୍‌ମେଣ୍ଟ ପ୍ଲାନ ସ୍ଥାପନ ହେବ। ୨ ବ୍ଲକରୁ ପାନୀୟ ଜଳ ସମସ୍ୟା ହଟିବ। ଅନ୍ୟପକ୍ଷେ ଓଡ଼ଗାଁ ବ୍ଲକର ୩୬ ପଞ୍ଚାୟତର ୧୯୭ ଗାଁର ୧ଲକ୍ଷ ୫୩ ହଜାର ୭୩୬ ଜଣ ଓ ରଣପୁର ବ୍ଲକର ୩୭ ପଞ୍ଚାୟତ ଅଧୀନ ୨୩୨ ଗାଁର ୧ଲକ୍ଷ ୫୪ ହଜାର ୫୯୪ ଜଣ ଲୋକ ପାନୀୟ ଜଳ ଦ୍ୱାରା ଉପକୃତ ହେବେ। ଏହି ପାନୀୟ ଜଳ ପ୍ରକଳ୍ପ କାମ ୨୪ ମାସ ମଧ୍ୟରେ ଶେଷ ହେବ ବୋଲି ନିର୍ଦ୍ଦେଶ ରହିଛି।

# ପଣ୍ଡିତ ବୈକୁଣ୍ଠ ନନ୍ଦଙ୍କ ପରଲୋକ

**ଭାପୁର,୧୬।୧୦(ଡି.ଏନ.ଏ.)**

ଭାପୁର ବ୍ଲକ ସଦର ମହକୁମା ମନ୍ଦାରବେରେଣୀ ଗ୍ରାମର ପଣ୍ଡିତ ବୈକୁଣ୍ଠ ନନ୍ଦ(୬୩)ଙ୍କ ରବିବାର ପରଲୋକ ହୋଇଯାଇଛି। ନୟାଗଡ଼ ଜିଲା ରଣପୁର ବ୍ଲକ କାସଦା ଗ୍ରାମରେ ୭ଦିନ ଧରି ଠାକୁରଙ୍କ ପୀଠରେ ପୂଜାର୍ଚ୍ଚନା ସହିତ ହୋମଯଜ୍ଞ ପାଇଁ ଭାପୁର ଅଞ୍ଚଳରୁ ୭ ଜଣ ପଣ୍ଡିତ ଯାଇଥିଲେ। ପଣ୍ଡିତ ନନ୍ଦ ସେଥିରେ ସାମିଲ ହୋଇଥିଲେ। ଯଜ୍ଞ କରୁଥିବା ସମୟରେ ପଣ୍ଡିତ ନନ୍ଦ ଅସୁସ୍ଥ ହୋଇ ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ରାଜସୁନାଖଳା ମେଡ଼ିକାଲରେ ଭର୍ତ୍ତି



କରିଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଭୁବନେଶ୍ୱରରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳୁ ତାଙ୍କର ପରଲୋକ ଘଟିଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଆଶିଷ



@ କବି ନାରାୟଣ



@ ରାକେଶ



@ ରଶ୍ମିରଞ୍ଜନ



@ ଓ୍ୱାଇ. ଶ୍ରୀନିବାସ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାଲିଆବାଡ଼ି ଟିମ୍ ଚାମ୍ପିୟନ

**ଖଣ୍ଡପଡ଼ା,୧୬।୧୦(ସ୍ୱ.ପ୍ର.)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଗତ ୨ ତାରିଖରୁ ଆଞ୍ଚଳିତ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୩୪ତମ ବାର୍ଷିକ ବନମାଳୀପୁର ଚ୍ୟାଲେଞ୍ଜ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଭାଲିଆବାଡି କ୍ରିକେଟ ଟିମ୍ କଳିଙ୍ଗ କ୍ରିକେଟ୍ କ୍ଲବ୍‌କୁ ୫ ରନରେ ହରାଇ ଚାମ୍ପିୟନ ହୋଇଛି। ୨୫ ଓଭର ମ୍ୟାଚରେ ପ୍ରଥମେ ଟସ୍ ଜିତି ଭାଲିଆବାଡି ଟିମ୍ ବ୍ୟାଟିଂ ଆରମ୍ଭ କରି ୨୪.୪ ଓଭରରେ ସମସ୍ତ ଉଇକେଟ ହରାଇ ୨୨୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିବେକ ସାହୁ ୧୪ ଚୌକା, ୨ ଛକା ସହାୟତାରେ ୯୬ ରନ କରିଥିଲେ। ଜବାବରେ କଳିଙ୍ଗ ଟିମ୍ ୨୪.୨ ଓଭରରେ ସମସ୍ତ ଉଇକେଟ ହରାଇ ୨୧୭ ରନ କରିବାକୁ ସକ୍ଷମ ହୋଇଥିଲା। ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ବିବେକ ସାହୁ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ସ୍ୱାଧୀନ ପାଇକରାୟଙ୍କୁ ପୁରସ୍କୃତ କରାଯାଇଥିଲା। ଆଜିର ମ୍ୟାଚ୍‌କୁ ଦିଲ୍ଲୀପ କୁମାର ସାହୁ ଓ ପ୍ରକାଶ ଚନ୍ଦ୍ର ଦାସ ପରିଚାଳନା କରିଥିଲେ।




ଚାମ୍ପିୟନ ଦଳକୁ ଚେକ୍ ପ୍ରଦାନ କରାଯାଉଛି।

### ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ଅବସରପ୍ରାପ୍ତ ଅଧ୍ୟାପକ ପ୍ରସନ୍ନ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଣ୍ଡପଡ଼ା ବ୍ଲକ୍ ଉପାଧକ୍ଷ ଶିଶିର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଇଂ. ରମେଶ କୁମାର ସାହୁ, ଯୁବ ବିଜେଡି ସଭାପତି ମନୋରଞ୍ଜନ ବେହେରା, ସାମାଜିକ କର୍ମୀ ନିରଞ୍ଜନ ସୁବୁଦ୍ଧି, ଦୀପକ ପଣ୍ଡା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଦଳକୁ ସ୍ୱର୍ଗତ ଗଦାଧର ସାହୁ ଓ ସ୍ୱର୍ଗୀୟା ସୁବର୍ଣ୍ଣ ଦେବୀ ସ୍ମାରକୀ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ। ରନର୍ସଅପ୍ ଦଳକୁ ସ୍ୱର୍ଗତ ପ୍ରାଣକୃଷ୍ଣ ସାହୁ ଓ ସ୍ୱର୍ଗୀୟା ଲାବଣ୍ୟ ଦେବୀ ସ୍ମାରକୀ ଟ୍ରଫି ସହ ନଗଦ ଅର୍ଥରାଶି ପୁରସ୍କାର ବାବଦରେ ପ୍ରଦାନ କରାଯାଇଥିଲା। ଏଥିସହିତ ଗତ ମାଟ୍ରିକ ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ସ୍ଥାନୀୟ ବନମାଳୀପୁର ହାଇସ୍କୁଲର ସରସ୍ୱତୀ ସାହୁ, ମହେଶ କୁମାର ପୃଷ୍ଟି ଓ କୀର୍ତ୍ତିମାନ ସାହୁଙ୍କୁ ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାହୁ ଓ ସ୍ୱର୍ଗୀୟା ଦୁଲା ଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ କ୍ଲବର ବରିଷ୍ଠ ସଭ୍ୟ ଚତୁର୍ଭୁଜ ସାହୁ ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଜିତେନ୍ଦ୍ର କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


## Government of Odisha
## Higher Education Department

**Dateline for Collection of admission fees from First Year U.G. & P.G. students (freshly admitted) for the Academic Session 2022-23**

**No. N-49:-** Dateline for collection of admission fees at the respective HEIs from First Year U.G. & P.G. students (freshly admitted) in Universities and Colleges for the Academic Session 2022-23 for State Public Universities and Colleges under project 'Student Academic Management System (SAMS)' is given below.

1. U.G. Students, who were finally admitted in Phase-I admission process and **not willing to apply again in Phase-II process** have to deposit their admission fees from **14.10.2022 to 31.10.2022** directly at the admitted HEIs in online mode. Similarly, Students who will finally admitted in Phase-II admission process have to deposit their admission fees from **01.11.2022 to 15.11.2022** directly at the admitted HEIs in online mode (Net Banking/ Bank Challan/NEFT) only. Cash transaction is strictly prohibited.
2. P.G. Students, who were finally admitted in Phase-I admission process (1st selection & 2nd selection) and who will be finally admitted in SPOT selection process have to deposit their admission fees from **17.10.2022 to 15.11.2022** directly at the admitted HEIs in online mode (Net Banking/ Bank Challan/NEFT) only. Cash transaction is strictly prohibited.
3. The Higher Education Institutions can also collect the Hostel fees from the desired students (both U.G. & P.G.) withing the dateline.
4. The non-payment of admission fees within the dateline will **lead to cancellation of admission**. Hence, Students are requested to deposit the admission fees within the timeline mentioned above.

**For more details please contact: e-Admission Helpline (Toll Free) Number 155335 / 1800-345-6770**

OIPR-11001/11/0038/2223 — Sd./- Deputy Director, PTC Section

## ସଂକ୍ଷେପରେ

### ବଡ଼ଚଣା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମଦିନ ପାଳିତ

**ବଡ଼ଚଣା,୧୬।୧୦(ଡି.ଏନ.ଏ.):** ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ୭୭ତମ ଜନ୍ମ ଜୟନ୍ତୀ ବଡ଼ଚଣା ବିଜେଡି ପକ୍ଷରୁ ଦଳୀୟ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ନବୀନ ବାବୁଙ୍କ ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମୀନତି ସେନାପତି ଏକ କେକ୍ କାଟି କର୍ମୀଙ୍କୁ ବାଣ୍ଟି ଉତ୍ସାହିତ କରିଥିଲେ। ପରେ ବିଧାୟକ ଓ ଦଳର ନେତୃତ୍ୱମାନେ ଚଣ୍ଡିଖୋଲ ଫାଣ୍ଡି ନିକଟସ୍ଥ ଆଦିବାସୀ ବସ୍ତିର ଲୋକଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରିଥିଲେ।

### ବାଇକ୍ ମିସ୍ତ୍ରିଙ୍କ ଅକାଳ ବିୟୋଗ

**ପାଣିକୋଇଲି,୧୬।୧୦(ଡି.ଏନ.ଏ.):** ପାଣିକୋଇଲିର ଖ୍ୟାତାନାମା ବାଇକ୍ ମିସ୍ତ୍ରୀ ଭାବେ ପରିଚିତ ରାଜକିଶୋର ଓଝା ଓରଫ୍ ବାଇଜା(୫୭)ଙ୍କ ହୃଦ୍‌ଘାତରେ ଅକାଳ ବିୟୋଗ ହୋଇଛି। କରଦା ବଡ଼େଇସାହି ନିବାସୀ ରାଜକିଶୋର ପାଣିକୋଇଲିରେ ଗ୍ୟାରେଜ କରିଥିଲେ। ଶନିବାର ରାତ୍ର ଭୋଜନ ସାରି ଘରେ ଶୋଇଥିବା ବେଳେ ତାଙ୍କର ଛାତିରେ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତାଙ୍କୁ ଯାଜପୁର ଜିଲା ସଦରମହକୁମା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଖବର ପ୍ରଚାରିତ ହେବା ମାତ୍ରେ ପାଣିକୋଇଲି ଓ ସଠିପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ସିଂହପୁରରେ କାଳୀପୂଜା ପ୍ରସ୍ତୁତି

**ସିଂହପୁର,୧୬।୧୦(ଡି.ଏନ.ଏ.):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରରେ କାଳୀପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଚଳିତ ବର୍ଷ ପୂଜାକୁ ସରସ ସୁନ୍ଦର ତଥା ଶାନ୍ତି ଶୃଙ୍ଖଳାର ସହିତ ସମ୍ପର୍ଣ୍ଣ କରିବାକୁ ସିଂହପୁର ବ୍ୟବସାୟୀ ସଂଘର ସଦସ୍ୟମାନେ ପ୍ରସ୍ତୁତି କରିଛନ୍ତି। ଏନେଇ ବ୍ୟବସାୟୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ୧୯୫୬ରୁ ସିଂହପୁର ବଜାରର ପୁରାତନ ବ୍ୟବସାୟୀ ଓ ବୟୋଜ୍ୟେଷ୍ଠ ବ୍ୟବସାୟୀଙ୍କ ଉଦ୍ୟମରେ ମା' ଶ୍ୟାମାକାଳୀପୂଜା ପାଳନ କରାଯାଉଛି। ଚଳିତ ବର୍ଷ ୬୬ତମ ପୂଜା ରିତିନିତିରେ ପାଳନ କରାଯିବ। ଏହି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ୩୧ ତାରିଖଠାରୁ ଅପେରା ପରିବେଶଣ କରାଯିବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ଏସ୍‌ଏଚ୍‌ଜି ମହିଳାଙ୍କ ତାଲିମ ଅର୍ଥ ଆତ୍ମସାତ୍

**ରସୁଲପୁର,୧୬।୧୦(ଡି.ଏନ.ଏ.)**

- ଅତଲାପୁର ପଞ୍ଚାୟତ ମିଶନଶକ୍ତି ବିଭାଗରେ ବିଭ୍ରାଟ
- ଏମ୍‌ବିକେଙ୍କ ନାଁରେ ବିଡିଓଙ୍କ ନିକଟରେ ଅଭିଯୋଗ


ବିଡିଓଙ୍କୁ ଅଭିଯୋଗ କରିବାକୁ ଆସିଥିବା ମହିଳାମାନେ।

ମହିଳାଙ୍କୁ ବିଭିନ୍ନ କ୍ଷେତ୍ରରେ ସଶକ୍ତ ଓ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାରଙ୍କ ମିଶନଶକ୍ତି ବିଭାଗ ଉଦ୍ଦିଷ୍ଟ। ଏହି ବିଭାଗ ଜରିଆରେ ଗ୍ରାମାଞ୍ଚଳ ମହିଳାଙ୍କୁ ବିଭିନ୍ନ ସରକାରୀ ସୁବିଧା କାର୍ଯ୍ୟକାରୀ କରିବା ପାଇଁ ଦକ୍ଷତା ବୃଦ୍ଧି କ୍ଷେତ୍ରରେ ତାଲିମ ପ୍ରଦାନ କରାଯାଉଛି। ମାତ୍ର ଏହି ବ୍ୟବସ୍ଥା ରସୁଲପୁର ବ୍ଲକ୍ ଅନ୍ତର୍ଗତ ଅତଲାପୁର ପଞ୍ଚାୟତରେ ବାଟବଣା ହୋଇଛି। ପଞ୍ଚାୟତର ମିଶନଶକ୍ତି ବିଭାଗରେ ମହାବିଭ୍ରାଟ ଦେଖାଦେଇଛି। ପଞ୍ଚାୟତରେ କାମ କରୁଥିବା ୫୬ଟି ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ସଭାନେତ୍ରୀ, ସମ୍ପାଦିକା ଓ ସଦସ୍ୟାମାନେ ମାଷ୍ଟର ବୁକ୍ କିପର(ଏମ୍‌ବିକେ) ପାର୍ବତୀ ସେଠୀଙ୍କ ନାଁରେ ଅର୍ଥ ତୋସରପାତ ଅଭିଯୋଗ ଆଣିଛନ୍ତି। ଗୋଷ୍ଠୀର ମହିଳାଙ୍କୁ ୭ ଦିନିଆ ତାଲିମ ଓ ଗୋଷ୍ଠୀକୁ ମୋବାଇଲ ପ୍ରଦାନ ପାଇଁ ଆସିଥିବା ଅର୍ଥକୁ ସେ ହେରଫେର କରିଛନ୍ତି ବୋଲି ବିଡିଓ ଅବନୀକାନ୍ତ ସାହୁଙ୍କ ନିକଟରେ ଅଭିଯୋଗ ହୋଇଛି। ଏଥିପୂର୍ବରୁ ମାମଲା ଥାନାକୁ ଯାଇଥିଲା। ଥାନାର ଆପୋସ ସମାଧାନ ହେବାପରେ ବି ଅଡୁଆ ତୁଟି ନ ଥିଲା।

ଅଭିଯୋଗ ମୁତାବକ, ଗ୍ରାମ ପଞ୍ଚାୟତସ୍ତରୀୟ ଫେଡେରେଶନ ସଂଘ ଜମାଖାତାକୁ ୫୭ହଜାର ଟଙ୍କା ଆସିଥିଲା। ଏହି ଟଙ୍କା ୫୬ଟି ଗୋଷ୍ଠୀ ମହିଳାଙ୍କୁ ୭ଦିନ ତାଲିମ ପ୍ରଦାନ ପାଇଁ ଉଦ୍ଦିଷ୍ଟ ଥିଲା। ଗୋଷ୍ଠୀର ପ୍ରତ୍ୟେକ ସଦସ୍ୟାଙ୍କ ମୁଣ୍ଡ ପିଛା ୨୫ଟଙ୍କା ଆଧାରରେ ଟଙ୍କା ଆସିଥିଲା। କିନ୍ତୁ ନିୟମ ମୁତାବକ ତାଲିମ ଶିବିର ଆୟୋଜନ କରାଯାଇ ନ ଥିଲା। ୭ଟି ବଦଳରେ ୨ଟି ତାଲିମ ଶିବିର ଆୟୋଜନ କରି ସେ ବାବଦକୁ ୨୨,୯୦୦ଟଙ୍କା ଜମାଖାତାରୁ ଉଠାଣ କରାଯାଇଥିଲା। ପରେ ବାକି ୩୪ହଜାର ଟଙ୍କା ଉଠାଇ ଦିଆଯାଇଥିଲା। ଉକ୍ତ ଟଙ୍କାକୁ ଏମ୍‌ବିକେ ନିଜ ପାଖରେ ରଖିଥିଲେ। ଏ ସମ୍ପର୍କରେ ଗ୍ରାମ ପଞ୍ଚାୟତସ୍ତରୀୟ ମହାସଂଘ ସଭାନେତ୍ରୀ କାଦମ୍ବିନୀ ମହାନ୍ତି ଓ ସମ୍ପାଦିକା ଦେବଯାନୀ ବାରିକ ଏମ୍‌ବିକେ ସେଠୀଙ୍କୁ ପଚାରିବାରୁ ମୁଁ କାମ କରୁଛି ଓ ବ୍ଲକର ଅଧିକାରୀ ସହଯୋଗ କରୁଛନ୍ତି, ଉକ୍ତ ଅର୍ଥକୁ ବାଣ୍ଟିକି ନେବୁ ବୋଲି ସେ କହିଥିଲେ। ଏହାକୁ ସଭାନେତ୍ରୀ ଓ ସମ୍ପାଦିକା ବିରୋଧ କରିବାରୁ ସେମାନଙ୍କ ମଧ୍ୟରେ କଥାକଟାକଟି ହୋଇଥିଲା। ଏହି ଘଟଣା ଗଣ୍ଡଗୋଳରୂପ ନେଇ ମାମଲା ଥାନାକୁ ଯାଇଥିଲା। ଏମ୍‌ବିକେଙ୍କ ପକ୍ଷରୁ ସଭାନେତ୍ରୀ ଓ ତାଙ୍କ ଶ୍ୱଶୁରଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଥିଲା। ସଭାନେତ୍ରୀ, ସମ୍ପାଦିକା ଓ ସେମାନଙ୍କ ପରିବାର ଲୋକେ ଏମ୍‌ବିକେ ସେଠୀଙ୍କୁ ଜାତିଆଣ ଆକ୍ଷେପକରି ଗାଳିଗୁଲଜ କରିଥିଲେ ବୋଲି ସେ ଅଭିଯୋଗରେ ଦର୍ଶାଇଥିଲେ। ତେବେ ଏମ୍‌ବିକେଙ୍କ ଏତାଦୃଶ କାର୍ଯ୍ୟକଳାପକୁ ନେଇ ପଞ୍ଚାୟତର ସମସ୍ତ ଗୋଷ୍ଠୀର ମହିଳାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଫଳରେ ଶନିବାର ୨୦୦ରୁ ଊର୍ଦ୍ଧ୍ୱ ମହିଳା ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କୁ ସାକ୍ଷାତ କରିଥିଲେ। ସେମାନେ ଏମ୍‌ବିକେଙ୍କୁ ଦାୟିତ୍ୱରୁ ଅପସାରଣ କରିବା ସହ ସେ କରିଥିବା ଦୁର୍ନୀତିର ତଦନ୍ତ ଏବଂ ଏହି ଅର୍ଥ ହେରଫେର କାରବାରେ ସମ୍ପୃକ୍ତି ଥିବା ବ୍ଲକ ଓ ପଞ୍ଚାୟତସ୍ତରୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ବିଡିଓ ସାହୁ ଅଭିଯୋଗକୁ ଗ୍ରହଣ କରି ଘଟଣାର ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି।

ଅଭିଯୋଗ ସମ୍ପର୍କରେ ଏମ୍‌ବିକେ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ମହିଳାଙ୍କୁ ୫ଟି ତାଲିମ ପ୍ରଦାନ ପାଇଁ ଟଙ୍କା ଆସିଥିଲା। ୨ଟି ତାଲିମ ଆୟୋଜନ କରାଯାଇଥିଲା। ସେଥିପାଇଁ ୨୨,୯୦୦ଟଙ୍କା ବ୍ୟାଙ୍କରୁ ଉଠାଣ କରିଥିଲେ। ବାକି ତାଲିମକୁ ବନ୍ଦ କରିବା ପାଇଁ ଉପରୁ ନିର୍ଦ୍ଦେଶ ଆସିଥିଲା । ସେ ବାବଦକୁ ଉଦ୍ଦିଷ୍ଟ ଅର୍ଥକୁ ଫେରସ୍ତ କରିବା ପାଇଁ ବ୍ଲକ ତରଫରୁ କୁହାଯାଇଥିଲା। ମାତ୍ର ମହାସଂଘ ସଭାନେତ୍ରୀ ଓ ସମ୍ପାଦିକା ଉକ୍ତ ଟଙ୍କାକୁ ଗୋଷ୍ଠୀ ମଧ୍ୟରେ ବାଣ୍ଟି ଦେବାକୁ କହିଥିଲେ। ଏହାକୁ କେନ୍ଦ୍ରକରି ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହି ଘଟଣାରେ ସଭାନେତ୍ରୀ ଓ ତାଙ୍କ ଶ୍ୱଶୁର ହସ୍ତକ୍ଷେପକରି ତାଙ୍କୁ ଜାତିଆଣ ଆକ୍ଷେପକରି ଗାଳିଗୁଲଜ କରିଥିଲେ ବୋଲି ସେଠୀ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ବାଦ୍ୟ, ବାଣ, ରୋଶଣିରେ ଦୁଲୁକିଲା ସହର

### କେନ୍ଦ୍ରାପଡ଼ା ଗଣପର୍ବ ଗଜଲକ୍ଷ୍ମୀ ପୂଜା

**କେନ୍ଦ୍ରାପଡ଼ା ଅଫିସ, ୧୬।୧୦**



କେନ୍ଦ୍ରାପଡ଼ା ସହରରେ ମା' ଗଜଲକ୍ଷ୍ମୀଙ୍କ ମେଳଣ ପର୍ବ ରବିବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ସହର ଉତ୍ସବମୁଖର ହୋଇଉଠିଛି। ପୂର୍ବାହ୍ନରୁ ପ୍ରତ୍ୟେକ ସ୍ଥାନରେ ଡିଜେ, ଲୋକବାଦ୍ୟର ତାଳେତାଳେ ଲୋକମାନେ ଝୁମିବାର ଲାଗିଥିବା ଦେଖିବାକୁ ମିଳିଛି। ସହରର ମୁଖ୍ୟ ରାସ୍ତାଠାରୁ ଆରମ୍ଭ କରି ଗଳିକନ୍ଦି ପର୍ଯ୍ୟନ୍ତ ଲୋକଙ୍କ ଭିଡ଼ ଲାଗି ରହିଛି। ଅପରପକ୍ଷରେ ମା' ଧନଦାତ୍ରୀ ସହର ପରିକ୍ରମା କରିବା ସମୟରେ ବିଭିନ୍ନ ସ୍ଥାନରେ ଅଟକି ଶ୍ରଦ୍ଧାଳୁଙ୍କ ନୈବେଦ୍ୟ ଗ୍ରହଣ କରିଛନ୍ତି। ଏଥିପାଇଁ ସହର ମଧ୍ୟରେ କେତେଗୋଟି ଘର ଦୁଆର ମୁହଁରେ ସୁନ୍ଦର ଝୋଟି ଚିତା ଅଙ୍କନ କରାଯାଇଛି। ସେହିପରି କଦଳୀ ଗଛ, ପୂର୍ଣ୍ଣକୁମ୍ଭର ସାଜସଜ୍ଜା ହୋଇଛି। ମହିଳାମାନେ ହାତରେ ଭୋଗଡାଲା ଧରି ମା'ଙ୍କୁ ଅପେକ୍ଷା କରି ପୂଜାର୍ଚ୍ଚନା କରିଛନ୍ତି। ଏହି ଦୃଶ୍ୟ ପୂର୍ବାହ୍ନ ୮ରୁ ଦେଖିବାକୁ ମିଳିଛି। ଅପରପକ୍ଷରେ ପୁରୁଣା ବସ୍‌ଷ୍ଟାଣ୍ଡରେ ୪୬ଟି ମୃଣ୍ମୟୀ ମୂର୍ତ୍ତି ଏକାଠି ହୋଇଥିବା ବେଳେ ସନ୍ଧ୍ୟାଠାରୁ ମେଳଣ ପର୍ବ ଆରମ୍ଭ ହୋଇଛି। ଜିଲାର ଗଣପର୍ବ ଭାବେ ପରିଚିତ ମା' ଗଜଲକ୍ଷ୍ମୀଙ୍କ ପୂଜା ଗତ ୯ ତାରିଖଠାରୁ ଆରମ୍ଭ ହୋଇଥିଲା। ମା'ଙ୍କ ଆସ୍ଥାନ ବିସର୍ଜନ ବିଧି ଶନିବାର ନିଶାର୍ଦ୍ଧରେ ସମ୍ପନ୍ନ ହୋଇଥିଲା। ହୋମଯଜ୍ଞ, ଆଳତି ଓ ମନ୍ତ୍ରଧ୍ୱନି ଶ୍ରଦ୍ଧାଳୁଙ୍କୁ ବେଶ୍ କିଛି ସମୟ ପୂଜା ମଣ୍ଡପରେ ଅଟକାଇ ରଖିଥିଲା।

ପରମ୍ପରା ଅନୁଯାୟୀ, ମେଳଣରେ ଯୋଗ ଦେବାକୁ ସାଇଭାଇଙ୍କୁ ଡାକିବାକୁ କମିଟି ପକ୍ଷରୁ ସକାଳ ୫ଟାରେ ପ୍ରତ୍ୟେକ ଘର ଦୁଆର ମୁହଁରେ ଘଣ୍ଟ ଓ ଢାଲ ବାଦ୍ୟ ବଜା ଯାଇଥିଲା। ପରେ ମେଢ଼ଉଠା ଓ ଭୋଗ ଲାଗି ପାଇଁ ମା'ଙ୍କର ନଗର ପରିକ୍ରମା କରାଯାଇଥିଲା। ସହର ସମେତ ଆଖପାଖ ଅଞ୍ଚଳର ୮୦ରୁ ଊର୍ଦ୍ଧ୍ୱ ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ବିଭିନ୍ନ ସାହି, କମିଟି ପକ୍ଷରୁ ରାଜ୍ୟ ଓ ବାହାର ରାଜ୍ୟରୁ ଆସିଥିବା ବ୍ୟାଣ୍ଡପାର୍ଟି, ଦୁଲୁଦୁଲି ବାଜା, ଷଣ୍ଢ ନାଚ ଆଦିରେ ସହର ଦୁଲୁକି ଥିଲା। ସହରର ପୁରୁଣା ବସ୍‌ଷ୍ଟାଣ୍ଡ, ଖଡିଅଙ୍ଗ, କେଶପୁର, ଟାଉନ ବଳରାମପୁର, ମଡ଼ିଆଳ, ବଳଗଣ୍ଡି, ନସଡିପୁର, ସାନମଙ୍ଗଳା, ନୂଆ ବସ୍‌ଷ୍ଟାଣ୍ଡ, କାକଟମଙ୍ଗଳା, ବଡ଼ହାଟ, ମହିପାଳ ଆଦି ମେଢ଼ଗୁଡିକ ନିଜର ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମେଳଣ ପଡିଆକୁ ଆସୁଥିବା ଦୃଶ୍ୟ ବେଶ୍ ଆକର୍ଷଣ ଥିଲା। ପୂର୍ବରୁ ଜିଲା ଓ ପୋଲିସ ପ୍ରଶାସନ ସହ ପୂଜା କମିଟିର ନିଷ୍ପତ୍ତି ଅନୁଯାୟୀ, ଲଟେରି ଦ୍ୱାରା ନିର୍ଦ୍ଧାରିତ ସ୍ଥାନରେ ମେଢ଼ଗୁଡିକ ବସାଇ ଭୋଗ ଲାଗି ବ୍ୟବସ୍ଥା ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଥିପାଇଁ ସହର ଅଞ୍ଚଳକୁ ୫ଟି ଭାଗରେ ବିଭକ୍ତ କରାଯାଇ ୫ଟି ଅସ୍ଥାୟୀ କଣ୍ଟ୍ରୋଲ ରୁମ ଖୋଲାଯାଇଛି। ସେହିପରି ଜିଲାପାଳ ଅମୃତ ଋତୁରାଜ, ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ଦୁର୍ଗା ପ୍ରସାଦ ମହାରଣା, ଉପଜିଲାପାଳ ନିରଞ୍ଜନ ବେହେରା ପ୍ରମୁଖ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୂଜାମଣ୍ଡପ ଓ ମେଳଣ ପଡିଆରେ ଉପସ୍ଥିତ ହୋଇଛନ୍ତି। ସୂଚନାଯୋଗ୍ୟ, ଏହି ମେଳଣ ସୋମବାର ପ୍ରତ୍ୟୁଷରେ ଶେଷ ହେବାକୁ ଥିବା ବେଳେ ଭୋଗ ଲାଗି ପରେ ଭସାଣି ଉତ୍ସବ ଆରମ୍ଭ ହେବ।

# ଜୀବନବିନ୍ଦୁରେ ୨୦୭ ୟୁନିଟ ରକ୍ତ ସଂଗ୍ରହ

**କଳିଙ୍ଗନଗର,୧୬।୧୦(ଡି.ଏନ.ଏ.)**

ଦାନଗଦି ବିଜୁଜନତା ଦଳ ପକ୍ଷରୁ ରବିବାର ସୁକିନ୍ଦା ନିର୍ବାଚନମଣ୍ଡଳୀର ଦାନଗଦିଠାରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦୭ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଦାନଗଦି ଭବନ ପରିସରରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ମନ୍ତ୍ରୀ ଘଡ଼େଇ ଶିବିର ପରିସରରେ କର୍ମୀଙ୍କ ଗହଣରେ କେକ କାଟି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ୍ମଦିନ ପାଳନ କରିଥିଲେ। ବିଧାୟକଙ୍କ ପ୍ରତିନିଧି ପ୍ରଦୀପ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅୟୋଜିତ ଶିବିରରେ ବ୍ଲକ୍ ଅଧ୍ୟକ୍ଷା ଅର୍ଚ୍ଚନା ଦାସ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବ୍ଲକ୍ ଉପାଧ୍ୟକ୍ଷ ଅଜୟ କୁମାର ବିନ୍ଧାଣୀ, ଜିଲା ପରିଷଦ ସଭ୍ୟା ସୁଚିତ୍ରା ବିଶାଳ, ଟିନା ହାଇବ୍ରୁରୁ, ସ୍ମୃତିରାଣୀ ରାଉତଙ୍କ ସମେତ ଏମ୍‌ପିଙ୍କ ପ୍ରତିନିଧି ଲୋକନାଥ ଧୀର, ବିଜେଡି ନେତା ଦିଲୀପ ନାୟକ, ସୁରେଶ ଦାସ, ରୁଦ୍ରନାରାୟଣ ଦାସ, ଚନ୍ଦନ କର ଓ ମହିଳା ସଭାପତି ଅବନ୍ତୀ ସାମଲ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଜିଲା ରେଡକ୍ରସ କର୍ମଚାରୀଙ୍କ ସହଯୋଗରେ ରକ୍ତ ସଂଗ୍ରହ କରାଯାଇଥିଲା। ମନ୍ତ୍ରୀ ସମସ୍ତ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ କୃତଜ୍ଞତା ଜଣାଇବା ସହ ଶିବିରର ସଫଳତା ପାଇଁ ଆୟୋଜକଙ୍କୁ ପ୍ରସଂଶା କରିଥିଲେ।


No.A-609

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, DRAINAGE DIVISION, PURI-752003**
**e-Procurement Notice No.- SEDD-PURI-01/2022-23**
**e-mail id:- eeddpuri@gmail.com**

| | | |
|---|---|---|
| 1. | Name of works | 1) Renovation of Link channel of South Kania and Construction of Guard Wall near South Kania Sluice at RD 19800 m outfall to Chilika under Doab-VII<br>2) Renovation of Eknalia Drainage Channel (From RD 00 to 12.00 KM), Link Channel of Eknalia (From RD 00 to 6.00 KM), Mahalapata Drainage Channel (From RD 00 to 7.20 KM) and Balipada Link Channel with Structures under Brahmagiri Block. |
| 2. | Total No. of Works | 2 nos. individual package. |
| 3. | Tender Cost of the Work | 1. Rs.74,68,723.00<br>2. Rs.98,48,163.00 |
| 4. | Bid Identification No. | 1. DDP - 89/2022-23<br>2. DDP - 90/2022-23 |
| 5. | Period of Completion | 11 (Eleven) Calendar months |
| 6. | Availability of Tender On-Line | 19.10.2022 from 11.00 Hours to 07.11.2022 upto 17.30 Hours. |
| 7. | Receipt of Bids in the Portal | 19.10.2022 from 11.00 Hours to 07.11.2022 upto 17.30 Hours. |
| 8. | Date of opening of Technical Bid | 10.11.2022 at 11.30 Hours in the O/o the Superintending Engineer, Drainage Division, Puri |
| 9. | Date of opening of Financial Bid | 17.11.2022 at 11.30 Hours in the O/o the Superintending Engineer, Drainage Division, Puri |
| 10. | Date of Lottery (if Required) | 25.11.2022 at 11.30 Hours in the O/o the Superintending Engineer, Drainage Division, Puri |
| 11. | Procurement Officer | Superintending Engineer, Drainage Division, Puri |
| 12. | Class of Contractor | 'B' Class<br>Tenders will be accepted if registered under CDMS portal only as per codal provision. Registration in any other manner will be cancelled. |

The bidders have to participate in on-line bidding only.
Further details can be seen from the Govt. website www.tendersorissa.gov.in
Any addendum/ Corrigendum/ Cancellation of tender can also be seen in the same website.

Sd./- Superintending Engineer, Drainage Division, Puri
OIPR-32357/11/0001/2223


# ବାପାଙ୍କୁ ମାଡ଼ ମାରି ଜେଲ୍ ଗଲେ ପୁଅ

**କଳିଙ୍ଗନଗର,୧୬।୧୦(ଡି.ଏନ.ଏ.)**

ଯାଜାପୁର ଜିଲା ଜଖପୁରା ଥାନା ଅନ୍ତର୍ଗତ ଜଖପୁରା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବାପାଙ୍କୁ ମାଡ଼ ମାରିବା ଅଭିଯୋଗରେ ପୁଅଙ୍କୁ ଗିରଫ କରି ପୋଲିସ କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସୁବାସ ରାଉତ(୩୫)। ପାରିବାରକ କଥାକୁ ନେଇ ମଙ୍ଗଳବାର ସୁବାସ ତାଙ୍କ ବାପା ଦାଶରଥି ରାଉତ(୮୦)ଙ୍କୁ ମାଡ଼ ମାରିଥିଲେ। ଏ ନେଇ ସୁବାସଙ୍କ ମା' ଶିବାନୀ ରାଉତ(୭୦) ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୧୦୯/୨୨ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଧର୍ମଶାଳା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଜନ୍ମୋତ୍ସବ



ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ ପାଇଁ ମନ୍ଦିରରେ ଦୀପଦାନ।

**ଧର୍ମଶାଳା,୧୬।୧୦(ଡି.ଏନ.ଏ.)**

ଧର୍ମଶାଳା ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୭୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ବ୍ଲକ ବିଜେଡି ପକ୍ଷରୁ ସଭାପତି ଜଳଧର ମହାନ୍ତିଙ୍କ ନେତୃତ୍ୱରେ ଜିଲା ବିଜେଡି ମହାସଚିବ ପ୍ରିୟନାଥ ମହାପାତ୍ର, ନିର୍ବାଚନ ମଣ୍ଡଳୀ ସଭାପତି ଜଳଧର ସାହୁ, ଜିଲା ପରିଷଦ ସଭ୍ୟା ପ୍ରଣତି ଲେଙ୍କା, ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ନିର୍ବାଚନମଣ୍ଡଳୀ ସଭାନେତ୍ରୀ ରେଣୁବାଳା ଶତପଥୀ, ଜିଲା ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ ପ୍ରମୁଖ ଶତାଧିକ ବିଜେଡି କର୍ମୀ ଧର୍ମଶାଳା ଡାକ୍ତରଖାନାରେ ରୋଗୀଙ୍କୁ ଫଳବଣ୍ଟନ କରିଥିଲେ। ପରେ ଛତିଆସ୍ଥିତ ବୃଦ୍ଧାଶ୍ରମକୁ ଯାଇ ସେଠାରେ ଅନ୍ତେବାସୀଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ। ବନ୍ଧଡିହସ୍ଥିତ ବାଳାଶ୍ରମ ଅନ୍ତେବାସୀଙ୍କୁ ଛତୁଆ ଓ ବସ୍ତ୍ର ବଣ୍ଟନ କରିଥିଲେ। ସେହିପରି ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତିଶ ନାୟକଙ୍କ ନେତୃତ୍ୱରେ ଶହଶହ ଯୁବ ଓ ଛାତ୍ର ବିଜେଡି କର୍ମକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ନାରାବାଜି କରି ଶୋଭାଯାତ୍ରାରେ ଯାଇ ଗୋକର୍ଣ୍ଣେଶ୍ୱର ମହାଦେବ ମନ୍ଦିରରେ ପହଞ୍ଚିଥିଲେ। ପରେ ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଦୀର୍ଘ ଜୀବନ କାମନା କରି ଜଳାଭିଷେକ କରିବା ସହ ମନ୍ଦିରରେ ଦୀପଦାନ କରିଥିଲେ। ପରେ ଜାରକାସ୍ଥିତ ତ୍ରିନାଥେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଦୀପଦାନ କରିଥିଲେ। ଏହାପରେ ଅଞ୍ଜିରା ଆଦିବାସୀ ପରିବାରଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କେକ କାଟିବା ସହ ଲୋକଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ସେହପରି ଗାର୍ଲସ ଉଇଙ୍ଗ ପକ୍ଷରୁ ଖିରାଦୀ ତନୟା ମଲିକ ଓ ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରାଙ୍କ ନେତୃତ୍ୱରେ ହାଇସ୍କୁଲ ପରିସରରେ ସଫେଇ କାର୍ଯ୍ୟ କରାଯାଇଥିଲା।

# ଜରି ପାଲ ତଳେ ୬ ଜୀବନ

**କାଏମା,୧୬।୧୦(ଡି.ଏନ.ଏ.)**

### ଆବାସ ଯୋଜନା ସାତ ସପନ

କଚ୍ଚା ଘରେ ଆଉ କେହି ରହିବେ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏହି ଦୃଢୋକ୍ତି ଯାଜପୁର ଜିଲାରେ ଫସର ଫାଟିଛି। ଜିଲାର ଧର୍ମଶାଳା ବ୍ଲକ ବଡ଼ କାଏମା ପଞ୍ଚାୟତ ଅଧୀନ ନୂଆସାହି ଗ୍ରାମର ଭାସ୍କର ପଣ୍ଡାଙ୍କ ପରିବାରର ଛଅ ପ୍ରାଣୀ କୁଟୁମ୍ବ ଆଜକୁ ଦୀର୍ଘ ଦିନ ଧରି ଜରି ପାଲ ତଳେ ଜୀବନ ବିତାଉଛନ୍ତି। ବ୍ଲକ୍, ପଞ୍ଚାୟତ କାର୍ଯ୍ୟାଳୟ ଦଉଡି ଦଉଡି ନୟାନ୍ତ ହେବା ପରେ ପ୍ରଶାସନ ଉପରୁ ଏବେ ଆସ୍ଥା ତୁଟେଇ ଦେଇ ମାଟି ଛପର ଘରେ ଜୀବନ କାଟୁଛନ୍ତି। ଭାସ୍କରଙ୍କ ଦୁଇ ପୁଅ ରାକେଶ ଓ ରାଜେଶ ଭିନ୍ନକ୍ଷମ ଥିଲେ ବି କେହି ତାଙ୍କ କଥା ଶୁଣୁନାହାନ୍ତି। ସରକାରଙ୍କ ନିକଟରୁ ମିଳିଥିବା ପ୍ରମାଣପତ୍ରରେ ରାକେଶଙ୍କ ୭୫% ଓ ରାଜେଶଙ୍କ ୫୦% ଭିନ୍ନକ୍ଷମତା ଉଲ୍ଲେଖ ରହିଛି। ହେଲେ ସେମାନଙ୍କ ପାଇଁ ସରକାରୀ ସୁବିଧା ସାତସପନ ହୋଇପଡ଼ିଛି। ଏନେଇ ପରିବାରବର୍ଗ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।


ଛପର ଘର ଆଗରେ ଭାସ୍କର ପଣ୍ଡାଙ୍କ ପରିବାର।

# ବିଧାୟକଙ୍କ ଗଜଲକ୍ଷ୍ମୀ ମଣ୍ଡପ ପରିଦର୍ଶନ

**ଚଣ୍ଡିଖୋଲ,୧୬।୧୦(ଡି.ଏନ୍.ଏ.)**

ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ବାଲିଚନ୍ଦ୍ରପୁର ବଜାରର ବିଭିନ୍ନ ପୂଜାମଣ୍ଡପ ବୁଲି ମା' ଗଜଲକ୍ଷ୍ମୀଙ୍କ ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଛନ୍ତି। ସେ ମଙ୍ଗଳ ବଜାର ପୂଜାମଣ୍ଡପ, ଶ୍ୟାମସୁନ୍ଦର ବଜାର କମିଟି ପୂଜାମଣ୍ଡପ, ମହାଲକ୍ଷ୍ମୀ ପୂଜାମଣ୍ଡପ, ମା' ମଲ୍ୟାବୁଢୀ ପୂଜାମଣ୍ଡପ, କୁଆଁପାଳ ରୋଡ଼ ପୂଜାମଣ୍ଡପ, ସରସ୍ୱତୀ ବଜାର ପୂଜାମଣ୍ଡପ ସମେତ ବଜାରରେ ହୋଇଥିବା ୧୦ଟି ମଣ୍ଡପ ବୁଲିଥିଲେ। ପ୍ରତ୍ୟେକ ପୂଜାମଣ୍ଡପ ତରଫରୁ ବିଧାୟକଙ୍କୁ ସ୍ୱାଗତ କରାଯିବା ସହ ଫୁଲ ଚନ୍ଦନ ଅର୍ପଣ କରାଯାଇଥିଲା। ବିଧାୟକଙ୍କ ସହ ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲ, ଯୁବ ବିଜେଡି ସଭାପତି ଗଣେଶ୍ୱର ବରାଳ, ଛାତ୍ର ବିଜେଡି ସଭାପତି ଯତିନ୍ଦ୍ର ନାୟକ, ମିହିର କୁମାର ସ୍ୱାଇଁ, ଅନନ୍ତ ସିଂହ, ଅଭିମନ୍ୟୁ ବଳ, ଭାବଗ୍ରାହୀ ବିଶ୍ୱାଳ, ଫନିନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶ୍ୟାମସୁନ୍ଦର ବଜାର କମିଟି ତରଫରୁ ସଭାପତି ପ୍ରଦୀପ୍ତ କୁମାର ପୃଷ୍ଟି, ସାଧାରଣ ସମ୍ପାଦକ ପ୍ରବାସ ଦାଶ, ମହାଲକ୍ଷ୍ମୀ ପୂଜାମଣ୍ଡପ ତରଫରୁ ପ୍ରକାଶ ଚନ୍ଦ୍ର ସାମଲ, ନିରଞ୍ଜନ ବିଶ୍ୱାଳ, ଧୀରେନ୍ଦ୍ର କୁମାର ପରିଡ଼ା, ମଙ୍ଗଳବଜାର ପୂଜା ମଣ୍ଡପ ପକ୍ଷରୁ ଅକ୍ଷୟ କୁମାର ଷେଣ୍ଟ, ସୁଦର୍ଶନ ସାହୁ, ଅନନ୍ତ କିଶୋର ବାନା ପ୍ରମୁଖ ପୂଜା ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ।


No.A-607

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**JAGATSINGHPUR IRRIGATION DIVISION**
Ph. No. 06724-220038, E-mail- eejspurirr@gmail.com

**"e" Procurement Notice No. JSD-09 of 2022-23.**

| | | |
|---|---|---|
| 1 | Total No. of Works | 04 (four) Nos. |
| 2 | Tender Cost (Approx.) | Rs.25.46 Lakh to Rs.51.52 Lakh |
| 3 | Tender Paper Cost | Rs.6,000/- & Rs.10,000/- (On-line payment) (Non-refundable) |
| 4 | Class of Contractor | Sl. No.01 'C' & 'B' and Sl. No.02, 03 & 04 'B' & 'A' Class Contractor |

5. Other details are as follows.

| Procurement Officer | Bid Identification No. | Availability of Tender From | Availability of Tender To | Last date & time for seeking tender clarification in e-Procurement portal | Date & Time of Opening of Bid | Place of opening of Bid |
|---|---|---|---|---|---|---|
| Superintending Engineer, Jagatsinghpur Irr. Division, Jagatsinghpur | JSD-09/ 2022-23 | 19.10.2022 at 10.00 Hours | 04.11.2022 at 17.00 Hours | From 19.10.2022 10.00 A.M. to 29.10.2022 up to 5.00 PM during office hours | 05.11.2022 at11.00 Hours | O/o the Superintending Engineer, Jagatsinghpur Irr. Division, Jagatsinghpur |

Further details can be seen from the Govt. website "https://tendersodisha.gov.in"

Sd./- Superintending Engineer,
Jagatsinghpur Irrigation Division, Jagatsinghpur
OIPR-32050/11/0005/2223

